ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/parybekhyak
FOLLOW US ON TWITTER twitter.com/paryabekhyak

Vol.25 . No.284 Bhubaneswar Thursday December 29 2022 | ୨୫ତମ ବର୍ଷ ସଂଖ୍ୟା-୨୮୪ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୨୯, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ଜେପି ନଡ୍ଡାଙ୍କ ପ୍ରଶ୍ନ, ଓଡିଶାରେ ସରକାର କିଏ ଚଳାଉଛି ?

ଭୁବନେଶ୍ୱର, ୨୮।୧୨(ପି.ଏନ): ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ ନବନୀ ପଟ୍ଟନାୟକ ଓ ରାଜ୍ୟ ପୁଲିସକୁ ପ୍ରଶ୍ନବାଣରେ ଘାଇଲା କଲେ ବିଜେପି ସଭାପତି ନଡ୍ଡା। କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ସଭାରେ ଯୋଗଦେଇ ସେ ରାଜ୍ୟ ସରକାରଙ୍କୁ ପଚାରିଛନ୍ତି, ଶ୍ରୀଜଗନ୍ନାଥଙ୍କ ରତ୍ନ ଭଣ୍ଡାର ସୁରକ୍ଷିତ ରଖିବା କାମ କାହିଁକି କରାଯାଉନି ରତ୍ନ ଭଣ୍ଡାର ଚାବି କୁଆଡ଼ ଗଲା ନବୀନଙ୍କୁ ଜବାବ ଦେବାକୁ ହେବ। ନବୀନ କହିଥିଲେ ଓଡିଆ ବିଶ୍ୱବିଦ୍ୟାଳୟ କରିବେ। ୫ ବର୍ଷ ପୂରିବାକୁ ବସିଛି କୁଆଡ଼ ଗଲା ବିଶ୍ୱବିଦ୍ୟାଳୟ ନୟାଗଡର ସୁଗାର ମିଲ୍ କାହିଁକି ଖୋଲିପାରୁନି ଆଖୁ ଚାଷୀକୁ ତା'ର ପରିଶ୍ରମ ମୂଲ୍ୟ କାହିଁକି ମିଳିପାରୁନି ଘଉଜଈ ରିପୋର୍ଟ ଅନୁସାରେ ମହିଳା ନିର୍ଯାତନା ଓଡ଼ିଶାରେ ଦ୍ୱିଗୁଣିତ ହୋଇଛି। ସବୁଠାରୁ ଅଧିକ ମହିଳା ଚାଲାଣ ଓଡ଼ିଶାରୁ ହେଉଛି। ମହିଳା ଚାଲାଣରେ ଓଡ଼ିଶା ଦେଶରେ ସବୁଠାରୁ ଆଗରେ ।ଓଡ଼ିଶା ପୁଲିସ ଉପରେ ମଧ ସବୁଠାରୁ ଅଧିକ ଆକ୍ରମଣ ହୋଇଛି। ରକ୍ଷକ ଭକ୍ଷକ ଥିଲା, ଏବେ ରକ୍ଷକ ନିଜେ ଅସୁରକ୍ଷିତ ହୋଇପଡ଼ିଛି। ଯେଉଁଠି ରକ୍ଷକ ନିଜେ ଅସୁରକ୍ଷିତ, ସେ ସୁରକ୍ଷା ଦେବ କେମିତି ଏହା ଏଭଳି ଏକ ପ୍ରଦେଶ, ଯେଉଁଠି ସରକାର କିଏ ଚ଼ଳାଉଛି ଜଣାପଡୁନି। ଏଭଳି ସରକାରକୁ ଛୁଟି କରିଦେବା ଦରକାର। ପ୍ରଦେଶ ହିତ କଥା କହୁଥିବା ନବୀନ ବାବୁ ଓଡିଶାର ୬୦ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଭାରତ ଯୋଜନାରୁ ବଞ୍ଚିତ କରୁଛନ୍ତି। ଏଭଳି ସରକାରକୁ ଏଠାରେ ରଖାଯିବା ଉଚିତ କି ବୋଲି ପଚାରିଥିଲେ ନଡ୍ଡା ।ସେହିପରି ସେ କହିଥିଲେ, ଦେଶରେ ଖୋଲିଥିବା ଏକଲବ୍ୟ ଆବାସିକ ସ୍କୁଲ ମଧ୍ୟରୁ ସର୍ବାଧିକ ୮୭ଟି ସ୍କୁଲ ଓଡ଼ିଶାରେ ହୋଇଛି। ଏହାଛଡା ୩ ଶହ କୋଟି ଟଙ୍କାରେ ଭୁବନେଶ୍ୱର ରେଳ ଷ୍ଟେସନ ଚକାଚକ୍ ହେଉଛି। ପ୍ରତି ଘରକୁ ଟ୍ୟାପ୍ ପାଣି ସଂଯୋଗ ନିମନ୍ତେ ମୋଦି ସରକାର ୩୩୨୩ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମହାନଦୀ ଭିତରେ ଗବେଷଣା କରାଯାଇ ପ୍ରାକୃତିକ ଗ୍ୟାସ୍ ଓ ତୈଳ ସନ୍ଧାନ କରାଯାଇଛି। ସମ୍ବଲପୁରରେ ୨୦୦ ଏକର ଜମିରେ ୪୦ କୋଟି ଟଙ୍କା ଖର୍ଚ୍ଚରେ ଆଇଆଇଏମ୍ କରାଯାଉଛି। ତେଣୁ ଏଠାର ପିଲାଙ୍କୁ ପାଠ ପଢ଼ିବାକୁ ଆଉ ଅହମଦାବାଦ୍ ଯିବାକୁ ପଡିବନାହିଁ। ବ୍ରହ୍ମପୁରରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଆଫ୍ ସାଇନ୍ସ ଏଜୁକେସନ୍ ପ୍ରତିଷ୍ଠାନ ନିମନ୍ତେ ୧୫ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଭୁବନେଶ୍ୱରରେ ସ୍କିଲ ଡେଭଲପମେଣ୍ଟ ଇନ୍‌?ଷ୍ଟିଚ୍ୟୁଟ୍ କରାଯାଇଛି ।ମୋଦି ସରକାରଙ୍କୁ ତାରିଫ କରି ସେ କହିଥିଲେ, ଯେଉଁ ଇଂରେଜମାନେ ଭାରତ ଉପରେ ୨୦୦ ବର୍ଷ ଶାସନ କରିଥିଲେ ଏବେ ସେହି ଭାରତ ଇଂରେଜମାନଙ୍କ ଦେଶ ବ୍ରିଟେନ୍‌କୁ ପଛରେ ପକାଇ ବିଶ୍ୱର ୫ମ ଅର୍ଥନୀତି ହୋଇଛି। ଦେଶରେ କେମିକାଲ ଶିଳ୍ପ ୧୬୦ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ମୋବାଇଲ ଉତ୍ପାଦନରେ ଭାରତ ୨ ନମ୍ବର ରାଷ୍ଟ୍ର, ଗାଡି ଉତ୍ପାଦନରେ ୪ ନଂ ଓ ଔଷଧ ଉତ୍ପାଦନରେ ୧୨ ନଂ ସ୍ଥାନ ନେଇଛି। ଇଣ୍ଟରନ୍ୟାସନାଲ ମନିଟାରି ଫଣ୍ଡ ମୁତାବକ ଆମ ଦେଶର ଗରିବ ୧ ପ୍ରତିଶତରୁ ବି କମ୍ ହୋଇଯାଇଛି। ଦେଶର ୮୦ କୋଟି ଲୋକଙ୍କୁ ଆବଶ୍ୟକତା ମୁତାବକ ୫ କେଜି ରାସନ ଓ ୧ କେଜି ଡାଲି ମାଗଣା ଯୋଗାଇ ଦିଆଯାଉଛି ।ଏକଦା ୩ କୋଟି ଲୋକଙ୍କ ବ୍ୟାଙ୍କ ଖାତା ଥିବା ବେଳେ ଜନଧନ ଯୋଜନାରେ ୪୬ କୋଟି ଖାତା ଖୋଲା ଯାଇପାରିଛି। ଦେଶର ୧୦.୭୪ କୋଟି ପରିବାରଙ୍କୁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ମିଳୁଛି। କିନ୍ତୁ ଓଡିଶା ସରକାର ଏହାର ସୁବିଧା ନେଉନାହାନ୍ତି। ମୋଦି ସରକାର ଦଳିତ ଓ ଆଦିବାସୀଙ୍କୁ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ରାଷ୍ଟ୍ରପତି କରିବାକୁ ଉଲ୍ଲେଖନୀୟ ପଦକ୍ଷେପ ନେଇଛନ୍ତି। ଓଡିଶାର ଜଣେ ଆଦିବାସୀ ମହିଳା ଆଜି ରାଷ୍ଟ୍ରପତି ଆସନରେ ବସିଛନ୍ତି। ଦଳିତଙ୍କ ନିମନ୍ତେ ପ୍ରି ମାଟ୍ରିକ୍ ସ୍କଲାରସିପ୍ ଓ ପୋଷ୍ଟ ମାଟ୍ରିକ୍ ସ୍କଲାରସିପ୍‌କୁ ବୃଦ୍ଧି କରାଯାଇଛି। ଆଦିବାସୀଙ୍କ ନିମନ୍ତେ ଷ୍ଟାଣ୍ଡ ଅପ୍ ଇଣ୍ଡିଆରେ ୩୬ ହଜାର ୫୮୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଓବିସିଙ୍କୁ ସମ୍ବିଧାନିକ ମର୍ଯ୍ୟଦା ଦିଆଯାଇଛି। ଜଳଜୀବନ ମିଶନରେ ଦେଶର ୯ କୋଟି ଲୋକଙ୍କ ଘରେ ଟ୍ୟାପ୍ ପାଣି ପହଞ୍ଚିଥିବା ବେଳେ ଓଡିଶାର ୪୩ ଲକ୍ଷ କୋଟି ଲୋକଙ୍କ ଘରେ ଟ୍ୟାପ୍ ଜରିଆରେ ପିଇବା ପାଣି ପହଞ୍ଚି ପାରିଛି। ସବୁ ଦୁର୍ଗମ ଅଞ୍ଚଳବାସୀଙ୍କୁ ଏହି ସୁବିଧା ମିଳିବ ।ସ୍ୱଚ୍ଛତା ଅଭିଯାନରେ ୧୨ କୋଟି ଲୋକଙ୍କୁ ପାଇଖାନା ଦିଆଯାଇଛି। ୧୧ କୋଟି ଚାଷୀଙ୍କୁ ୪ ମାସ ଅନ୍ତରରେ ୨ ହଜାର ଟଙ୍କା ଲେଖାଏଁ ସହାୟତା ସିଧା ବ୍ୟାଙ୍କ ଖାତା ଜରିଆରେ ଦିଆଯାଉଛି। ରୋଜଗାର ମେଳା ଜରିଆରେ ୧୦ ଲକ୍ଷ ଯୁବକଙ୍କୁ ସରକାର ନିଯୁକ୍ତି ଦିଆଯିବାକୁ ପଦକ୍ଷେପ ନିଆଯାଇଛି। ଜାତୀୟ ଶିକ୍ଷା ନୀତି ଅନ୍ତର୍ଗତ ସମସ୍ତଙ୍କୁ ରାଷ୍ଟ୍ରୀୟ ଭାଷାରେ ପାଠପଢ଼ିବାର ସୁଯୋଗ ମିଳିଛି। ଭୟଙ୍କର କରୋନା ସଂକ୍ରମଣରେ ଚାଇନା ଥରହର ହେଉଥିବା ବେଳେ ଆମ ଦେଶର ୨୨୦ କୋଟି ଲୋକଙ୍କୁ ସରକାର ଡବଲ ଡୋଜ୍ ସୁରକ୍ଷା ଦେଇ ମାସ୍କ ଫ୍ରି କରିଛନ୍ତି। ଆଗରୁ ଜାପାନୀ ଜ୍ୱର, ପଲ୍ସ ପୋଲିଓ ପ୍ରଭୃତି ରୋଗ ନିମନ୍ତେ ବିଦେଶୀରୁ ଭ୍ୟାକ୍ସିନ୍ ଆସୁଥିବା ବେଳେ ମୋଦି ସରକାର କରୋନା ସଂକ୍ରମଣ ବିରୋଧରେ ଲଢ଼ାଇ କରିବା ନିମନ୍ତେ ନିଜ ଦେଶରେ ବୈଜ୍ଞାନିକଙ୍କ ସହଯୋଗରେ ଦୁଇଟି ଭ୍ୟାକ୍ସିନ୍ ପ୍ରସ୍ତୁତ କରିଛନ୍ତି। ୧୦୦ଟି ଦେଶକୁ ଏହା ରପ୍ତାନି କରାଯାଇଛି। ୪୮ ଦେଶକୁ ବିନାମୂଲ୍ୟରେ ସହାୟତା ଭାବେଦିଆଯାଇଛି। ୟୁକ୍ରେନ୍-ରୁଷ ଲଢ଼େଇ ବେଳେ ସବୁଦେଶ ପଛଘୁଞ୍ଚା ଦେଉଥିବା ଆମ ଦେଶର ୩୨ ହଜାର ଛାତ୍ରଛାତ୍ରୀଙ୍କୁ ମୋଦି ସରକାର ଉଦ୍ଧାର କରିଛନ୍ତି ।ଆସନ୍ତା ନିର୍ବାଚନରେ ଆପଣମାନଙ୍କ ଆଙ୍ଗୁଠି ପଦ୍ମର ବଟନକୁ ଚିପିଲେ ଦେଶରେ ସୁଶାସନ ଓ ବିକାଶ ଭଳି ଓଡିଶାରେ ସୁଶାସନ ଏବଂ ବିକାଶ ପ୍ରତିଷ୍ଠା ହୋଇପାରିବ ବୋଲି ତୁମୁଡ଼ିବନ୍ଧ ସଭାରେ ଶ୍ରୀ ନଡ୍ଡା କହିଛନ୍ତି। ସେହିପରି ପୁରୀ ବାଣପୁର ଠାରେ ଅନୁଷ୍ଠିତ ସଭାରେ ଯୋଗଦେଇ ସେ କହିଥିଲେ, ପୁରୀରେ କେନ୍ଦ୍ର ସରକାର ସହାୟତା କ୍ରମେ ୭ କୋଟି ଟଙ୍କା ଖର୍ଚ୍ଚରେ ଶ୍ରୀଜଗନ୍ନାଥ ଷ୍ଟାଡିୟମ ନିର୍ମାଣ, ୨୦୦ କୋଟି ଟଙ୍କା ଖର୍ଚ୍ଚରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ, ପୁରୀ ରେଳ ଷ୍ଟେଶନକୁ ବିଶ୍ୱସ୍ତରୀୟ ଷ୍ଟେନରେ ପରିଣତ କରିବା ନିମନ୍ତେ ୩୬୪ କୋଟି ଟଙ୍କା ଖର୍ଚ୍ଚ ହେଉଛି। ସେହିପରି ପୁରୀରେ ରେଷ୍ଟ୍ରୀୟ ଆଦାର୍ଶ ବେଦ ବିଦ୍ୟାଳୟ ଓ ୮ ହଜାର କୋଟି ଟଙ୍କା ଖର୍ଚ୍ଚରେ କୋଷ୍ଟାଲ ହାଇୱେ ନିର୍ମାଣ ହେଉଛି ବୋଲି ସେ କହିଥିଲେ। କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗରିବଙ୍କୁ ପକ୍କାଘର ଦେଉଥିବା ବେଳେ ବିଜେଡି ବିଜୁ ପକ୍କାଘର ନାଁ ଦେଇ ଏହି ଯୋଜନାକୁ ହଡପ କରୁଥିବା ସେ ଅଭିଯୋଗ କରିଥିଲେ। ଏହି ଦୁଇ ସଭାରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଦୁର୍ବଳତା ସମ୍ପର୍କରେ ମତ ରଖିଥିଲେ।



## ବିଶ୍ୱ କପ୍ ହକି ପାଇଁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ

ନୂଆଦିଲ୍ଲୀ, ୨୮।୧୨(ପି.ଏନ): ଓଡିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍ ଲାଗି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ , ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଆଜି ଚେନ୍ନାଇ ଠାରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍‌ଙ୍କୁ ସାକ୍ଷାତ କରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ସେ ତାମିଲନାଡୁର କ୍ରୀଡାମନ୍ତ୍ରୀ ଉଦୟନାଥ ଷ୍ଟାଲିନ୍‌ଙ୍କୁ ମଧ ନିମନ୍ତ୍ରଣ କରିଛନ୍ତି। ଓଡିଶାରେ ଆୟୋଜିତ ହେଉଥିବା ହକି ବିଶ୍ୱକପ୍ ଲାଗି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଆଜି ନୂଆଦିଲ୍ଲୀ ଠାରେ ଆନ୍ଧ୍ର ପ୍ରଦେଶର ମୁଖ୍ୟ ମନ୍ତ୍ରୀ ୱାଇ ଏସ ଜଗନ ମୋହନ ରେଡ୍ଡୀଙ୍କୁ ସାକ୍ଷାତ କରି ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ୱାଇଏସଆର କଂଗ୍ରେସର ରାଜ୍ୟସଭାର ନେତା ବିଜୟ ସାଇ ରେଡ୍ଡୀ ମଧ ଉପସ୍ଥିତ ଥିଲେ। ସେହିପରି ମନ୍ତ୍ରୀ ଜଗନ୍ନାଥ ସାରକା ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଙ୍କୁ ରାଂଚି ଠାରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ନିରଂଜନ ପୂଜାରୀ ଲକ୍ଷ୍ନୌ ଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କୁ ସାକ୍ଷାତ କରିଛନ୍ତି। ଶ୍ରୀ ପୂଜାରୀ ୟୁପି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ହକି ବିଶ୍ୱକପ୍ ରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ସେହିପରି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାରଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ହକି ବିଶ୍ୱ କପ୍ ରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କରେ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ଉପସ୍ଥିତ ଥିଲେ। ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଏନ. ରଙ୍ଗାସ୍ୱାମୀଙ୍କୁ ସାକ୍ଷାତ କରି ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ରଙ୍ଗାସ୍ୱାମୀ କହିଥିଲେ ଯେ ତାଙ୍କୁ ଭେଟିବା ପାଇଁ ଜଗନ୍ନାଥ ଧାମର ଲୋକଙ୍କୁ କୌଣସି ଆପୋଏଂଟମେଂଟ ବା ପ୍ରୋଟୋକଲ ର ଆବଶ୍ୟକତା ନାହିଁ। ଏହା ସହ ନିମନ୍ତ୍ରଣ ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଥିଲେ। ସେହିପରି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଉତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ବୁଧବାର ଦେହରାଦୁନ୍ ଠାରେ ସାକ୍ଷାତ କରି ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବାକୁ ଥିବା ହକି ବିଶ୍ୱକପ୍ ରେ ଯୋଗ ଦେବାକୁ ନିମନ୍ତ୍ରଣ ଜଣାଇଛନ୍ତି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋତଙ୍କୁ ଜୟପୁର ଠାରେ ସାକ୍ଷାତ କରି ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି ହକି ବିଶ୍ୱ କପ୍ ଲାଗି ଦେଶର ସମସ୍ତ ମୁଖ୍ୟମନ୍ତ୍ରୀ ମାନଙ୍କୁ ଓଡିଶା ନିମନ୍ତ୍ରଣ କରିବ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ନିଷ୍ପତି ପରେ ୧୯ ଜଣ ମନ୍ତ୍ରୀ ବିଭିନ୍ନ ରାଜ୍ୟକୁ ଯାଇ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ ପତ୍ର ପ୍ରଦାନ କରିବାକୁ ସ୍ଥିର ହୋଇଥିଲା।

## ବିଶ୍ୱକପ ହକି; ପୁଲିସ ଛାଉଣିରେ ରହିବ ରାଜଧାନୀ

ଭୁବନେଶ୍ୱର, ୨୮।୧୨(ପି.ଏନ): ବିଶ୍ୱକପ ହକି ବେଳେ ଭୁବନେଶ୍ୱରରେ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। କେବଳ ବିମାନବନ୍ଦରରେ ମୁତୟନ ହେବେ ଦୁଇ ପ୍ଲାଟୁନ୍ ଫୋର୍ସ। ଏଥିସହ ଖେଳାଳିମାନେ ରହୁଥିବା ହୋଟେଲରେ ମଧ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ବିଶ୍ୱକପ୍ ହକି ପୂର୍ବରୁ ବିମାନବନ୍ଦରରେ ସୁରକ୍ଷାବ୍ୟବସ୍ଥାର ସମୀକ୍ଷା କରିବା ପରେ ଏପରି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ।ସେ କହିଛନ୍ତି, ଆସନ୍ତା ୪ ତାରିଖରୁ ଖେଳାଳି, କୋଚ୍ ଓ ଟେକନିକାଲ ଷ୍ଟାଫ୍ ଭୁବନେଶ୍ୱରରେ ପହଞ୍ଚିବେ।

## ହକି ବିଶ୍ୱକପ୍ ପାଇଁ ବୁଡ଼ିବାକୁ ଯାଉଛି ୧୫ ହଜାର ଶ୍ରମିକଙ୍କ ଦାନାପାଣି

ରାଉରକେଲା, ୨୮।୧୨(ପି.ଏନ): ହକି ବିଶ୍ୱକପ୍ ପାଇଁ ବୁଡ଼ିବାକୁ ଯାଉଛି ପ୍ରାୟ ୧୫ ହଜାର ଶ୍ରମିକଙ୍କ ଦାନାପାଣି। ରାଉରକେଲା ଓ ଭୁବନେଶ୍ୱରରେ ପୁରୁଷ ହକି ବିଶ୍ୱକପ୍ ହେବାକୁ ଯାଉଥିବାରୁ ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା ଓ କଳୁଙ୍ଗା ଶିଳ୍ପାଞ୍ଚଳର ୨୨ଟି କମ୍ପାନୀକୁ ମାସେ ବନ୍ଦ ରଖିବାକୁ ହୋଇଛି ନୋଟିସ୍। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଜାନୁଆରୀ ୧ରୁ ୩୧ ପର୍ଯ୍ୟନ୍ତ କମ୍ପାନୀଗୁଡିକୁ ବନ୍ଦ ରଖିବାକୁ ନୋଟିସ୍ କରିଛି। ଫଳରେ କାରଖାନା ଉପରେ ନିର୍ଭର କରି ଚଳୁଥିବା ଶ୍ରମିକଙ୍କୁ ଘାରିଛି ପେଟପାଟଣା ଚିନ୍ତା। ସେପଟେ ଏହାକୁ ପ୍ରତିବାଦ କରି ରାଉରକେଲା ଚାମ୍ବର୍ସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସି ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ଭେଟିଛନ୍ତି ।ଶ୍ରମିକ ସୁଶିଳା ନାୟକ, ଅନୀତା ତିର୍କି ଓ ପ୍ରହଲ୍ଲାଦ ନାୟକ କହିଛନ୍ତି, ହକି ବିଶ୍ୱ କପ୍ ହେଲେ ଆମର ଆପତ୍ତି ନାହିଁ। କିନ୍ତୁ କାରଖାନା ମାସେ ବନ୍ଦ ହୋଇଗଲେ ଆମେ ଚଳିବୁ କେମିତି ? ପିଲାଛୁଆ ବଞ୍ଚିବେ କେମିତି। ଖାଲି ଏହି ଶ୍ରମିକଙ୍କର ନୁହେଁ, ବହୁ ଶ୍ରମିକଙ୍କ ସମାନ କଥା। ମୁଣ୍ଡ ଝାଳ ତୁଣ୍ଡରେ ମାରି ସବୁଦିନ ମୁଲ ଲାଗି ପେଟ ପୋଷୁଥିବା ଶ୍ରମିକମାନେ ଚଳିବେ କେମିତି ।ଜାନୁଆରୀ ୧୩ରୁ ରାଉରକେଲା ଓ ଭୁବନେଶ୍ୱରରେ ହକି ବିଶ୍ୱକପ୍ ଆରମ୍ଭ ହେଉଛି। ତେବେ ପ୍ରଦୂଷଣ ବଢ଼ିଯିବା ଆଶଙ୍କା କରି ତଥା ଏକ ସୁସ୍ଥ ପରିବେଶ ସୃଟି ନିମନ୍ତେ ପ୍ରଦୂଷଣ ବୋର୍ଡ ୨୨ କମ୍ପାନୀକୁ ବନ୍ଦ ରଖିବାକୁ ନୋଟିସ୍ ? ପରେ ହଜିଯାଇଛି ଏସବୁ କାରଖାନାରେ କାମ କରୁଥିବା ପ୍ରାୟ ୧୫ ହଜାର ଶ୍ରମିକଙ୍କ ନିଦ। କାରଖାନାରେ ମୁଲ ମଜୁରି କଲେ ଘରେ ଚୁଲି ଜଳୁଥିଲା, ତେଲ ଲୁଣ ସଂସାର ଚାଲୁଥିଲା ସରକାରଙ୍କ ନୋଟିସ୍ ପରେ ଏବେ ଶ୍ରମିକଙ୍କୁ ଘାରିଛି ପେଟପାଟଣା ଚିନ୍ତା ।ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନୋଟିସ୍ ପରେ ଆଜି ଶ୍ରମିକ ସଂଗଠନ ସିଟୁ ପକ୍ଷରୁ ହୋଇଥିଲା ପ୍ରେସମିଟ୍। ସିଟୁ ରାଜ୍ୟ ଉପସଭାପତି ଜାହାଙ୍ଗିର ଅଲ୍ଲୀ କହିଛନ୍ତି, ବିଶ୍ୱକପ୍ ? ଦ୍ୱାହି ଦେଇ ଶ୍ରମିକମାନଙ୍କ ପେଟକୁ ଲାତ ମାରିଛନ୍ତି ସରକାର। ଅନ୍ୟପଟେ ରାଉରକେଲା ଚାମ୍ବର ଅଫ୍ କମର୍ସର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସି ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରିଛନ୍ତି।

## କଂସ-ରାବଣ ଭଳି ଅହଙ୍କାର ଘାରିଛି: ଧର୍ମେନ୍ଦ୍ର, ଧୃତରାଷ୍ଟ୍ରଙ୍କ ପାଖରେ ଦୁର୍ଯ୍ୟୋଧନ କିଏ: ବୈଜୟନ୍ତ

ଭୁବନେଶ୍ୱର, ୨୮।୧୨(ପି.ଏନ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେପି ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଆଜି ବାଣପୁର ଜନସଭାରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନାଁ ନଧରି ତାଙ୍କୁ ସିଧାସଳଖ କଡା ସମାଲୋଚନା କରିଛନ୍ତି । ୧୦୦ବର୍ଷ ବିଜେଡିର ଶାସନ କରିବାର ଦମ୍ଭୋକ୍ତି ଓ ଜାତୀୟ ଦଳଗୁଡିକ ଓଡିଶାର ସ୍ୱାର୍ଥ ପାଇଁ କିଛି କରୁନାହାନ୍ତି ବୋଲି ବିଜେଡି ପ୍ରତିଷ୍ଠା ଦିବସରେ ନବୀନ ଦେଇଥିବା ଭିଡିଓ ବାର୍ତ୍ତାକୁ ନେଇ ଧର୍ମେନ୍ଦ୍ର କଡା ଭାଷାରେ ଜବାବ ଦେଇଥିବାବେଳେ ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ପଣ୍ଡା ଓଡିଶାର ପ୍ରଗତିରେ ଧୃତରାଷ୍ଟ୍ର ବାଧକ ସାଜିଛନ୍ତି । ଆଉ ଧୃତରାଷ୍ଟ୍ରଙ୍କ ପାଖରେ ଦୁର୍ଯ୍ୟୋଧନ କିଏ, କେଉଁମାନେ ଓଡିଶାରେ କୁଶାସନ ଚଳାଇଛନ୍ତି, ତାହା ଓଡିଶାବାସୀଙ୍କୁ ଜଣାପଡିଗଲାଣି ବୋଲି କହିଛନ୍ତି ।ଆଜି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ଉପସ୍ଥିତିରେ ବାଣପୁରରେ ଜନସଭାକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଅପ୍ରଜାତାନ୍ତ୍ରିକ ଉପାୟରେ ୧୦୦ବର୍ଷ ପର୍ଯ୍ୟନ୍ତ ଶାସନ କରିବାର ଦମ୍ଭୋକ୍ତି ମାନ୍ୟବର ବା?ଛନ୍ତି । ୯ମିନିଟର ଭିଡିଓ ଭାଷାରେ ସେ ଯେଉଁ ବିଶୋଦଗାର କରିଛନ୍ତି ତାହା ତାଙ୍କର ଦମ୍ଭକୁ ଦର୍ଶାଉଛି । ଦମ୍ଭ ଶୋଭାପାଏନି । କଂସ ଓ ରାବଣର ଅହଙ୍କାର, ଧନବଳ-ବାହୁବଳର ଅହଙ୍କାର ଦେଖାଉଛନ୍ତି । ତେବେ ଓଡିଆ ଜାତି କାହାରି ଜାଗିର ନୁହେଁ ଯେ ଶାସନ କରିବାର ଏଭଳି ବାହାସ୍ଫୋଟ କିଏ ମାରିବ । ମହିଳାଙ୍କ ଆଶୀର୍ବାଦରେ ୧୦୦ବର୍ଷ ଶାସନ କରିବେ । କିନ୍ତୁ ନାରୀ ନିର୍ଯାତନା, ବ୍ୟଭିଚାରରେ ଏଠି ସର୍ବାଧିକ । ମମିତା ମେହେର ହତ୍ୟାକାରୀକୁ ଜେଲ୍ ଭିତରେ ନାଟକୀୟ ଢଙ୍ଗରେ ମାରିଦିଆଗଲା । ମମିତା ହତ୍ୟାକାରୀ ଯିଏ ଜେଲ ଭିତରେ ମଲେ ତାଙ୍କର ସ୍ତ୍ରୀ ଓ ଝିଅ କହୁଛନ୍ତି ଆତ୍ମହତ୍ୟା ନୁହେଁ ହତ୍ୟା । ସେହିଭଳି ମାନ୍ୟବରଙ୍କ ନିଜ ନିର୍ବାଚନମଣ୍ଡଳୀ ହିଞ୍ଜିଳିକାଟୁର



କେତେଜଣ ମହିଳା ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ତା'ର ହିସାବ ମାନ୍ୟବରଙ୍କ ପାଖରେ ଅଛି କି ? ଏଥିରେ ପୁଣି ମାନ୍ୟବର ଦମ୍ଭ ଦେଖାଉଛନ୍ତି । ଆଉ ନରେନ୍ଦ୍ର ମୋଦିଙ୍କୁ ନାଲିଆଖି ଦେଖାଉଛନ୍ତି । ୨୦୨୨ ମସିହାରେ ୧୦୦ଜଣ ଦୁର୍ନୀତିଗ୍ରସ୍ତଙ୍କଠୁ ହଜାରେ କୋଟି ଟଙ୍କାର କଳାଟଙ୍କା ମିଳିଛି ।ଏଠି ଦୁର୍ନୀତି, ଅତ୍ୟାଚାର, ନାରୀ ନିର୍ଯାତନା,ବ୍ୟଭିଚାରରେ ଓଡିଶାବାସୀ ଅତିଷ୍ଠ ହେଲେଣି । ତେଣୁ ଏଠି ଡବଲ ଇଞ୍ଜିନର ସରକାରର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।ସେହିପରି ରାଷ୍ଟ୍ରୀୟ ଉପସଭାପତି ଶ୍ରୀ ପଣ୍ଡା କହିଥିଲେ ଯେ, ଓଡିଶା ମଧ ପ୍ରଗତିରୁ ବଂଚିତ ହୋଇଛି । ଦାଦନ ଖଟିବାକୁ ଓଡିଆ ଲୋକମାନେ ଏବେବି ବିଭିନ୍ନ ରାଜ୍ୟକୁ ଯାଉଛନ୍ତି । ୨୩ବର୍ଷ ଧରି କ୍ଷମତାରେ ରହି ମଧ ଧୃତରାଷ୍ଟ୍ର ଏଠାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିନପାରିବା ଚିନ୍ତାର ବିଷୟ । ଓଡିଶା ପ୍ରଭାରୀ ପୁରନ୍ଦେଶ୍ୱରୀ ଯେଉଁ ଧୃତରାଷ୍ଟ୍ରଙ୍କ କଥା ନିଜର ହିନ୍ଦି ଭାଷଣରେ କହିଲେ ତାହା ଅନ୍ୟ କେହି ବୁଝୁ କି ନବୁଝୁ ଧୃତରାଷ୍ଟ୍ର ନିଶ୍ଚିତ ବୁଝିଥିବେ । କେନ୍ଦ୍ରର ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ ଭାରତରେ ବିରାଟ ପରିବର୍ତ୍ତନ ସମ୍ଭବପର ହେଉଛି । କିନ୍ତୁ ଓଡିଶା ଏଥିରୁ ବଂଚିତ ହେଉଛି । କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାରେ ପ୍ରତିଟି ପରିବାରକୁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ସହାୟତାରୁ ଓଡିଶାବାସୀଙ୍କୁ ଏଠିକାର ଧୃତରାଷ୍ଟ୍ର ବଂଚିତ କରିଛନ୍ତି । ଏକମାତ୍ର କାରଣ ହେଉଛି ରାଜନୀତି । ଏହି ଯୋଜନାକୁ ଓଡିଶାରେ କାର୍ଯ୍ୟକାରୀ କରିବାକୁ ଧୃତରାଷ୍ଟ୍ର ଦେଉନାହାନ୍ତି । ତାଙ୍କ ପାଖରେ ଦୁର୍ଯ୍ୟୋଧନ କିଏ, ଯେଉଁମାନେ ଅଛନ୍ତି ସେମାନେ କୁଶାସନ ଚଳାଇଛନ୍ତି । ଏକଥା ଓଡିଶାବାସୀଙ୍କୁ ଜଣାପଡିଗଲାଣି ।ଓଡିଶାରେ ପରିବର୍ତ୍ତନର ଆହ୍ୱାନ ଦେବାକୁ ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଆସିଛନ୍ତି । ଓଡିଶାରେ ପରିବର୍ତ୍ତନ ପାଇଁ ବିଜେପି ପୁରା ପ୍ରସ୍ତୁତିରେ ଆସିଛି । ୩ମାସ ମଧ୍ୟରେ ଦ୍ୱିତୀୟ ଥର ଶ୍ରୀ ନଡ୍ଡା ଓଡିଶା ଆସିଛନ୍ତି । ଓଡିଶାରେ ପରିବର୍ତ୍ତନ ଆଣିବା ପାଇଁ ବିଜେପିର ଇଚ୍ଛାଶକ୍ତି ଅଛି ତାହା ଆପଣମାନେ ସ୍ପଷ୍ଟ ହୋଇଯିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଭାବମୂର୍ତ୍ତି ବଦଳିଛି । ଦେଶକୁ ବଦଳାଇଛି । ଓଡିଶାର ପରିବର୍ତ୍ତନ ନିଷ୍ପତ୍ତି ଓଡିଶାବାସୀ ନେବେ । ୨୩ବର୍ଷ ଶାସନ ଚଳାଇଲେଣି, ଯିଏ ଆରମ୍ଭରେ ବିଜେପି ସହାୟତା ଓ ମାର୍ଗଦର୍ଶନରେ ଶାସନ କରୁଥିଲେ । ଆମ ନେତା ଅଟଳ ବିହାରୀ ବାଜପେୟୀଙ୍କ ମାର୍ଗଦର୍ଶନରେ ଓଡିଶାରେ ପରିବର୍ତ୍ତନ ହେଉଥିଲା। ସିଏ ଗତ ୧୦-୧୨ବର୍ଷ ହେଲା ଓଡିଶାରେ କ'ଣ କରୁଛନ୍ତି ତାହା ଆପଣମାନେ ଅନୁଭବ କରିପାରୁଥିବେ । ବଳାତ୍କାର,ହତ୍ୟା, ନାବାଳିକା ଅତ୍ୟାଚାର ଆଦିରେ ସମଗ୍ର ଦେଶରେ ଓଡିଶା ଏକ ନମ୍ବରରେ ରହିଛି । କିନ୍ତୁ ତଥ୍ୟକୁ ଚପାଇବାକୁ ଚେଷ୍ଟା କରୁଛନ୍ତି।

## କୋଭିଡ୍ ସ୍ଥିତି ସମୀକ୍ଷା: ସ୍ଥିତି ଚିନ୍ତାଜନକ ନୁହେଁ, କଟକଣା ଲାଗୁ ହେବନି, ସରକାର ସଜାଗ

ଭୁବନେଶ୍ୱର ,୨୮।୧୨(ପି.ଏନ): ରାଜ୍ୟରେ କୋଭିଡ୍ ସ୍ଥିତି ଚିନ୍ତାଜନକ ନୁହେଁ । ଚୀନରେ କୋଭିଡ୍ ପରିସ୍ଥିତି ଯାହା ତା'ର କାରଣ ଅନେକ, ତାକୁ ନେଇ ଭୟ କରିବାର କାରଣ ନାହିଁ । ଏବେ ଦେଶରେ ବା ଓଡିଶାରେ କୋଭିଡର ବିଏଫ.୭ ଭାରିଏଣ୍ଟକୁ ନେଇ ଯେଉଁ ଆଶଙ୍କା କରାଯାଉଛି, ତାହା ବି ୩-୪ମାସ ଧରି ଏଠାରେ ରହିଛି । ଏହାର କିଛି ବି ସେଭଳି ଗୁରୁତର ପରିଣାମ ହୋଇନି । ତେଣୁ ବିଶେଷଜ୍ଞମାନଙ୍କ ପରାମର୍ଶରେ ରାଜ୍ୟ ସରକାର କୌଣସି ପ୍ରକାରର କଟକଣା ଜାରି କରିବେ ନାହିଁ । କେବଳ ଜନଗହଳିପୂର୍ଣ୍ଣ ଅଂଚଳକୁ ଯିବାବେଳେ ଲୋକେ ସ୍ୱେଚ୍ଛାକୃତ ଭାବେ ଆବଶ୍ୟକ ପ୍ରତିଷେଧକ ପଦକ୍ଷେପ ନେବା ଉଚିତ୍ ବୋଲି ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି ।ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସ୍ୱାସ୍ଥ୍ୟ ସଚିବ ଶ୍ରୀମତୀ ପଣ୍ଡିତ କହିଛନ୍ତି ଯେ, ରାଜ୍ୟରେ କୋଭିଡ୍ ପରିସ୍ଥିତିର ସମୀକ୍ଷା ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ହୋଇଥିଲା । ଏଥିରେ ବିଭିନ୍ନ ଅନୁଷ୍ଠାନର ବିଶେଷଜ୍ଞଙ୍କ ସମେତ ସରକାରଙ୍କ ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ସାମିଲ ହୋଇଥିଲେ । ବୈଠକରେ ଚୀନର ବର୍ତ୍ତମାନର ପରିସ୍ଥିତି ତଥା ଦେଶ ଓ ରାଜ୍ୟର କୋଭିଡ୍ ପରିସ୍ଥିତିକୁ ନେଇ ବିସ୍ତୃତ ଆଲୋଚନା ହୋଇଛି । ଓଡିଶାରେ କୋଭିଡ୍ ସ୍ଥିତିକୁ ନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ଏହି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି । ଗତ ୩ମାସ ଧରି ରାଜ୍ୟରେ କୋଭିଡ୍ ମାମଲା ହ୍ରାସ ପାଇବା ପରେ ସରକାର ରାଜ୍ୟରୁ କୋଭିଡ୍ କଟକଣା ସବୁ ହଟାଇ ଦେଇଥିଲେ । କୋଭିଡ୍ ନିୟମ ଉଲ୍ଲଘଂନ ପାଇଁ କୌଣସି ପ୍ରକାରର ଜୋରିମାନା ମଧ ଏବେ ନାହିଁ । କାରଣ ଗତ ୩ମାସ ଧଣି ରାଜ୍ୟରେ ମାତ୍ର ୫ରୁ ୭ଜଣ ବ୍ୟକ୍ତି ଦୈନିକ କୋଭିଡ୍ ସଂକ୍ରମିତ ହେଉଛନ୍ତି ।ଓଡିଶାରେ ପ୍ରତି ୧୦ଲକ୍ଷରେ ୧୩୧ଜଣଙ୍କ କୋଭିଡ୍ ପରୀକ୍ଷା ହେଉଥିବାବେଳେ ଦୈନିକ ପ୍ରାୟ ୬-୭ହଜାର ପରୀକ୍ଷା ହେଉଛି । ସେମାନଙ୍କ ମଧ୍ୟରୁ ମାତ୍ର ୫-୬ଜଣ ସଂକ୍ରମିତ ଚିହ୍ନଟ ହେଉଛନ୍ତି । କୌଣସି ସଂକ୍ରମିତଙ୍କ ସ୍ୱାସ୍ଥ୍ୟବସ୍ଥା ମଧ ଖରାପ ହେଉନି । ସେହିଭଳି ଦେଶରେ ବି ସର୍ବାଧିକ ୧୦୦ ଭିତରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ରହୁଛି । ଓଡିଶାରେ ଦୈନିକ ସଂକ୍ରମିତଙ୍କ ସଂଖ୍ୟା ମାତ୍ର ୦.୦୪% ହୋଇଥିବାବେଳେ ସମଗ୍ର ଦେଶରେ ଏହା ୦.୩% ଅଛି । ତେଣୁ ଗତ ୪ସପ୍ତାହର ସ୍ଥିତିକୁ ଅନୁଧ୍ୟାନ କରିବା ପରେ ସରକାର ରାଜ୍ୟରେ କୋଭିଡ୍ ସଂକ୍ରାନ୍ତ କୌଣସି କଟକଣା ବା ନିୟମ ଲାଗୁ କରିବାକୁ ଚାହୁଁନାହାନ୍ତି ।ତେବେ ଏବେ ଯେଉଁ ସବୁ ସଂକ୍ରମିତ ଚିହ୍ନଟ ହେଉଛନ୍ତି ସମସ୍ତଙ୍କର ଜିନୋମ ଟେଷ୍ଟିଂ କରାଯାଉଛି । ରାଜ୍ୟର ୩ଟି ସ୍ଥାନରେ ଏହି ଜିନୋମ ଟେଷ୍ଟିଂ ହେଉଛି । ତା'ଛଡା ରାଜ୍ୟରେ ଏବେ ଦୈନିକ କୋଭିଡ୍ ପରୀକ୍ଷା ଯାହା ହେଉଛି ସେଥିରୁ ୫୦% ଆରଟିପିସିଆର ଟେଷ୍ଟ । ସବୁ ଜିଲ୍ଲାରେ ଏହି ଟେଷ୍ଟ ସୁବିଧା ରହିଛି ବୋଲି ଶ୍ରୀମତୀ ପଣ୍ଡିତ କହିଛନ୍ତି ।ତେବେ କୋଭିଡ୍ ସ୍ଥିତିକୁ ଦୃଷ୍ଟିରେ ରଖି ସରକାର ନିଜ ତରଫରୁ ସମସ୍ତ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣ ଔଷଧ, କିଟ୍ , ଅକ୍ସିଜେନ ବେଡ୍ ଆଦି ପ୍ରସ୍ତୁତ ରଖିଛନ୍ତି । ଯାହାଫଳରେ ଯେକୌଣସି ପରିସ୍ଥିତିର ମୁକାବିଲା ସଙ୍ଗେସଙ୍ଗେ କରାଯାଇପାରିବ । ତା'ଛଡା ରାଜ୍ୟର ୯୦ ପ୍ରତିଶତ ଲୋକ ଦୁଇଟି ଡୋଜ୍ କୋଭିଡ୍ ଟିକା ନେଇସାରିଛନ୍ତି । ତେଣୁ ରାଜ୍ୟବାସୀ କୋଭିଡକୁ ନେଇ ଭୟଭୀତ ହେବାର କାରଣ ନାହିଁ । ମାତ୍ର ନିଜେ ସ୍ୱେଚ୍ଛାକୃତ ଭାବେ ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବାବେଳେ ପ୍ରତିଷେଧକ ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଛନ୍ତି ।ସେହିପରି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଜ୍ୟରେ ଏବେ କୋଭିଡ୍ ଟିକା ମହଜୁଦ ନାହିଁ । ସେ ସମ୍ପର୍କରେ ସ୍ୱାସ୍ଥ୍ୟ ସଚିବ ପୂର୍ବରୁ ଚିଠି ଲେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଜଣାଇ ସାରିଛନ୍ତି । ସେ ନିଜେ ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଓଡିଶାକୁ କୋଭିଡ୍ ଟିକା ପଠାଇବାକୁ ଅନୁରୋଧ କରିବେ । ଅବଶ୍ୟ ଘରୋଇ ହସ୍ପିଟାଲରେ ଟିକା ମହଜୁଦ ଅଛି, କିନ୍ତୁ ସରକାରୀ ହସ୍ପିଟାଲରେ କୋଭିଡ୍ ଟିକା ବ୍ୟବସ୍ଥା କରିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ।ସରକାର କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ସାଧାରଣ ପରାମର୍ଶ ପାଳନ ଉପରେ ଗୁରୁତ୍ୱ ଦେଉଛନ୍ତି । ଗହଳି ସ୍ଥାନକୁ ନଯିବା, ମାସ୍କ ପିନ୍ଧିବା, ହାତ ଧୋଇବା ଆଦି ପାଳନ ଉପରେ ଗୁରୁତ୍ୱ ଦେଉଛନ୍ତି । ରାଜ୍ୟବ୍ୟାପୀ ସମସ୍ତ ମେଡିକାଲରେ ଫିଭର କ୍ଲିନିକ ଜାରି ରହିବ । ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଫିସରମାନେ ମଧ ସ୍ଥିତିକୁ ନେଇ ସତର୍କ ରହିଛନ୍ତି । ଆଗାମୀ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ଯେଭଳି କୋଭିଡ୍ ସଂକ୍ରମଣ ନହୁଏ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କରାଯାଇଛି । ରାଉରକେଲାରେ ହକି ମ୍ୟାଚ୍ ସ୍ଥଳରେ ସ୍ୱତନ୍ତ୍ର ଡାକ୍ତରୀ ଟିମକୁ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ। ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହିଁ କୁହନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଡିସେମ୍ବର ୨୯

# ଶିକ୍ଷାର ଗୁଣାତ୍ମକ ମାନ !



ଏକ ସଭ୍ୟ ସମାଜ ଗଠନରେ ଶିକ୍ଷାର ବଡ ଯୋଗଦାନ ରହିଛି । ଶିକ୍ଷିତ ହେବା କାରଣରୁ ମଣିଷ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ଭିନ୍ନ । ଶିକ୍ଷା ପୂର୍ବରୁ ସାମ୍ବିଧାନିକ ଅଧିକାର ଥିଲା । ପରେ ଏହାକୁ ମୌଳିକ ଅଧିକାର କରି ଦିଆଗଲା । ଶିଶୁମାନଙ୍କୁ ଦେଶର ସର୍ବୋଚ୍ଚ ସମ୍ପତ୍ତି କୁହାଯାଏ । ପାଠପଢାରୁ ବ□ିତ ଶିଶୁଟିଏ ସମାଜ କିମ୍ବା ଦେଶର ବିକାଶରେ ସହାୟକ ହୋଇ ନ ଥାଏ । କାରଣ ଶିକ୍ଷା ହେଉଛି ମାନବ ସମ୍ବଳ ବିକାଶର ପ୍ରମୁଖ ଆୟୁଧ । ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍କୁଲରେ ବାନ୍ଧି ହୋଇ ରହିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନଠାରୁ ଆରମ୍ଭ କରି ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରୁଛନ୍ତି । ଦେଶର ଭବିଷ୍ୟତ ଗଢିବାକୁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ବାସ୍ତବ ଚିତ୍ର କିନ୍ତୁ କିଛି ଭିନ୍ନ କଥା କହୁଛି । ଏହାସତ୍ତ୍ୱେ ଛାତ୍ରଛାତ୍ରୀମାନେ ଅଧାରୁ ପାଠପଢା ଛାଡୁଛନ୍ତି । ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟରେ ଡ୍ରପ୍‌ଆଉଟ୍ ହାର ୫.୪୨ ପ୍ରତିଶତ ଥିବାବେଳେ ରାୟଗଡାରେ ସର୍ବାଧିକ ୧୧.୬୭ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଛନ୍ତି । କେନ୍ଦ୍ରାପଡାରେ ଏହି ହାର ୮.୯ ପ୍ରତିଶତ ଥିବାବେଳେ, କଳାହାଣ୍ଡିରେ ୮.୪୬ ପ୍ରତିଶତ ରହିଛି । ଉଚ୍ଚ ପ୍ରାଥମିକରେ ରାୟଗଡାରେ ସର୍ବାଧିକ ୧୭.୧୦ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ, ମାଲକାନଗିରିରେ ୧୩.୭୮ ଓ ଯାଜପୁରରେ ୧୨.୬୩ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ସେହିପରି ମାଧ୍ୟମିକ ସ୍ତରରେ ୧୮.୨% ପିଲା ଅଧାରୁ ପାଠ ଛାଡୁଛନ୍ତି । ପୁରୀରେ ସର୍ବାଧିକ ୧୦.୦୫ ପ୍ରତିଶତ ପିଲା ଅଧାରୁ ପାଠ ଛାଡୁଥିବା ବେଳେ ବାଲେଶ୍ୱରରେ ୮.୭୩ ଓ ସମ୍ବଲପୁରରେ ୮.୧୬ ପ୍ରତିଶତ ପିଲା ପାଠ ଛାଡୁଛନ୍ତି । ଏପରିକି ଶିକ୍ଷା ଅଧିକାର ଆଇନ୍ କାର୍ଯ୍ୟକାରୀ ହେବାର ୧୨ ବର୍ଷ ପରେ ବି ଶିକ୍ଷା ବ୍ୟବସ୍ଥାରେ ସୁଧାର ଆସିପାରିନାହିଁ ।

ସୂଚନାଯୋଗ୍ୟ ଯେ, ରାଜ୍ୟରେ ଥିବା ସମସ୍ତ ୫୧,୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟଗୁଡିକରେ ପିଇବା ପାଣି ବ୍ୟବସ୍ଥା ଥିବାବେଳେ ୩୪,୩୯୪ ସ୍କୁଲରେ ପାଣି ସହ ଶୌଚାଳୟ ବ୍ୟବସ୍ଥା ନାହିଁ । ସେହିପରି ୩୫,୬୭୯ ବିଦ୍ୟାଳୟରେ ବିଜୁଳି ବ୍ୟବସ୍ଥା ନଥିବା ବେଳେ ୩୭,୬୪୫ ସ୍କୁଲରେ ଖେଳପଡିଆ ନାହିଁ । ୧୬,୩୬୮ ବିଦ୍ୟାଳୟରେ ପାଚେରୀ ନଥିବା ବେଳେ ୨୪୫୧ ସ୍କୁଲରେ ପାଠାଗାର ନାହିଁ । ଏଥିସହିତ ୩୭,୬୩୫ରେ ଖେଳପଡିଆ ନ ଥିବା ବେଳେ ୧୨,୨୮୦ ବିଦ୍ୟାଳୟର ରୋଷେଇ ଘର ଏବଂ ୧୭,୭୬୩ ସ୍କୁଲରେ ପାଚେରୀ ନାହିଁ । ସବୁଠୁ ପରିତାପର ବିଷୟ ୩୬୮ ବିଦ୍ୟାଳୟର ନିଜସ୍ୱ ଘର ମଧ୍ୟ ନାହିଁ । ଆହୁରି ମଧ୍ୟ ରାଜ୍ୟର ୯୦ଟି ବିଦ୍ୟାଳୟରେ କଳାପଟ୍ଟା ବ୍ୟବସ୍ଥା ନାହିଁ । ଏଥିରୁ ରାଜ୍ୟରେ ଥିବା ସ୍କୁଲମାନଙ୍କର ଭିତ୍ତିଭୂମି କେଉଁ ଅବସ୍ଥାରେ ଅଛି ଓ ସେଠାରେ କିପରି ପାଠପଢା ଚାଲିଛି, ତାହା ସ୍ପଷ୍ଟଭାବେ ଅନୁଭବ କରିହେଉଛି । ୩୪,୨୩୮ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୩୨,୫୫୩ଟିରେ ପ୍ରତି ଶ୍ରେଣୀରେ ପାଠ ପଢାଇବା ଲାଗି ଜଣେ କରି ଶିକ୍ଷକ ନାହାଁନ୍ତି । ସେହିପରି ୧୭,୭୨୬ଟି ଉଚ୍ଚପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ୧୨,୪୬୬ଟିରେ ପ୍ରତି ଶ୍ରେଣୀ ପାଇଁ ଜଣେ କରି ଶିକ୍ଷକ ନାହାଁନ୍ତି । ୨୯,୯୪୪ଟି ପ୍ରାଥମିକ ବିଦ୍ୟାଳୟରେ ପ୍ରତି ଶ୍ରେଣୀ ପାଇଁ ବଖରାଏ କରି ଶ୍ରେଣୀଗୃହ ନ ଥିବା ବେଳେ ୧୧,୬୪୪ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢିବା ପାଇଁ ପ୍ରତି ଶ୍ରେଣୀ ଲାଗି ବଖରାଏ କରି ଘର ନାହିଁ । କେବଳ ୧୬୮୫ ପ୍ରାଥମିକ ଓ ୫୨୬୦ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପାଇଁ ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ରାଜ୍ୟରେ ଥିବା ଉଚ୍ଚବିଦ୍ୟାଳୟଗୁଡିକରେ ୨,୫୮୫ଟି ସ୍କୁଲରେ ପ୍ରଧାନଶିକ୍ଷକ ପଦବୀ ଖାଲି ରହିଛି ।

ଏଥିସହିତ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଶିକ୍ଷାର ବିକାଶରେ ଏକ ପ୍ରମୁଖ ସମସ୍ୟା ରୂପେ ଉଭା ହୋଇଛି । ଏପର୍ଯ୍ୟନ୍ତ ରାଜ୍ୟରେ ଥିବା ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ପାନୀୟଜଳ, ପରିମଳ ବ୍ୟବସ୍ଥା, ବିଜୁଳି ଆଲୋକ, ସୁସ୍ଥ ଶିକ୍ଷଣୀୟ ପରିବେଶ ଭଳି ଆବଶ୍ୟକତାକୁ ପୂରଣ କରାଯାଇପାରିନାହିଁ । ଫଳସ୍ୱରୂପ, ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ହ୍ରାସ ପାଇବାରେ ଲାଗିଛି । ନିକଟରେ ଘରୋଇ ସଂସ୍ଥା "ଆସର" ପକ୍ଷରୁ ଗ୍ରାମା□ଳ ବିଦ୍ୟାଳୟ ଓ ଶିକ୍ଷାସ୍ତର ସ୍ଥିତି ଉପରେ କରାଯାଇଥିବା ସର୍ଭେ ଅନୁଯାୟୀ ଅଧିକ ପରିତାପର ବିଷୟ ହେଲା ପ୍ରଥମ ଶ୍ରେଣୀରେ ପଢୁଥିବା ୩୮% ପିଲା ଓଡ଼ିଆ ଅକ୍ଷର ପଢିପାରୁନାହାନ୍ତି । ୧୯.୩ % ପିଲା ଅକ୍ଷର ପଢୁଥିଲେ ମଧ୍ୟ ଚିହ୍ନିପାରୁନାହାନ୍ତି । ସେହିପରି ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ । ସ୍କୁଲମାନଙ୍କରେ ଅଧିକ ଉପସ୍ଥାନ ପାଇଁ ସର୍ବଶିକ୍ଷା ଯୋଜନା ମାଧ୍ୟମରେ ସରକାର ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ସହ ଅଣ୍ଡା, କଦଳୀ, ବାଳିକାଙ୍କୁ ପୋଷାକ, ପାଠ୍ୟପୁସ୍ତକ ଇତ୍ୟାଦି ଦେବାର ବ୍ୟବସ୍ଥା ଥିଲେ ବି ଉପସ୍ଥାନ ସଂଖ୍ୟା ସନ୍ତୋଷଜନକ ହୋଇପାରିନାହିଁ ।

ଆମ ଶିକ୍ଷା ବ୍ୟବସ୍ଥା କଥା ଆଲୋଚନା କଲେ ଜଣାପଡେ ଯେ, ସ୍ୱାଧୀନତା ପରେ ଅନେକ କମିଶନ ଶିକ୍ଷା କ୍ଷେତ୍ରରେ ବସିଛି । ମାତ୍ର ଶିକ୍ଷା ବ୍ୟବସ୍ଥାରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ଘଟିନାହିଁ । ଶିକ୍ଷାର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅର୍ଥର ଅଭାବ ହିଁ ଏହାର ପ୍ରମୁଖ କାରଣ । ବିଭିନ୍ନ ସମୟରେ ଗଠନ କରାଯାଇଥିବା ଶିକ୍ଷା କମିଶନ ଓ ଶିକ୍ଷା କମିଟି ସୁପାରିଶ ଦେଇଛି ଶିକ୍ଷା ବାବଦରେ ରାଷ୍ଟ୍ର ବ୍ୟୟବରାଦ ବୃଦ୍ଧି କରିବା ପାଇଁ । ଏସବୁ କମିଶନ ଓ କମିଟିର ସୁପାରିଶ ଶୀତଳ ଭଣ୍ଡାରରେ ପଡିରହିଛି । ୧୯୬୪ ମସିହାରେ ଗଠିତ କୋଠାରି କମିଶନ କେନ୍ଦ୍ର ବଜେଟର ୧୦ ଭାଗ ଓ ରାଜ୍ୟ ବଜେଟର ୩୦ ଭାଗ ଶିକ୍ଷାକ୍ଷେତ୍ରରେ ବ୍ୟୟ କରିବାକୁ ସରକାରଙ୍କୁ ସୁପାରିଶ କରିଥିଲେ । କିନ୍ତୁ ଏଯାବତ୍ କୌଣସି ସରକାର ଶିକ୍ଷା ପାଇଁ କେନ୍ଦ୍ର ବଜେଟର ୪ ଭାଗ ଓ ରାଜ୍ୟ ବଜେଟର ୨୪ ଭାଗ ଅତିକ୍ରମ କରିପାରିଲା ନାହିଁ । ବରଂ ଶିକ୍ଷା ବଜେଟ ବର୍ଷକୁ ବର୍ଷ ହ୍ରାସ ପାଇବାରେ ଲାଗିଛି । ବିଶେଷକରି ୧୯୯୦ ଦଶକ ପରଠାରୁ ଆମ ଦେଶ ଜଗତୀକରଣକୁ ଆପଣେଇ ନେଲାପରେ ଶିକ୍ଷାକ୍ଷେତ୍ରରେ ଏହାର ପ୍ରତିକୂଳ ପ୍ରଭାବ ବହୁଳ ଭାବରେ ପରିଲକ୍ଷିତ ହେଉଛି । ଏହାର ପ୍ରଭାବ ଆମ ରାଜ୍ୟରେ ମଧ୍ୟ ଅନୁଭୂତ ହୋଇଛି ।

ପ୍ରାଥମିକ ଶିକ୍ଷା ଶିକ୍ଷାବ୍ୟବସ୍ଥାର ମୂଳଦୁଆ । ମାତ୍ର ଏହି ମୂଳଦୁଆ କ୍ରମଶଃ ଭୁଶୁଡିବାରେ ଲାଗିଛି । ଏହାର ପ୍ରମୁଖ କାରଣ ହେଉଛି ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ । ଶିକ୍ଷା ଅଧିକାର ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ୨ ଲକ୍ଷ ୨୪ ହଜାର ୩୩୦ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ । ବଳକା ୧ ଲକ୍ଷ ୮ ହଜାର ୪୯୭ ଜଣ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ୭୩ ହଜାର ୭୩୬ ଜଣ ଶିକ୍ଷାସହାୟକ ଓ ଗଣଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷା ବ୍ୟବସ୍ଥା । ଏବେ ୩୪,୭୭୯ ଶିକ୍ଷକ ପଦବୀ ଖାଲି ପଡିଛି । ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେବା ତ ଦୂରର କଥା କେଉଁଠି ପା□ଟି ଶ୍ରେଣୀକୁ ଜଣେ ତ କେଉଁଠି ୭ଟି ଶ୍ରେଣୀକୁ ୨/୩ଜଣ ଶିକ୍ଷକରେ ସ୍କୁଲ୍ ଚାଲିଛି । ସେହିପରି ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟମାନଙ୍କରେ ମଧ୍ୟ ଶିକ୍ଷକମାନଙ୍କ ମରୁଡି । ସେହିପରି ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରାୟ ୫,୬୫୬ ଶିକ୍ଷକ ପଦବୀ ଖାଲିପଡିଛି । ସେହିପରି କେତେକ ସ୍କୁଲରେ ବିଜ୍ଞାନ ଓ ଗଣିତ ଶିକ୍ଷକ ନାହାଁନ୍ତି । ସେଠାରେ ପ୍ରକ୍ସିରେ ଚାଲିଛି ପାଠପଢା ।

ଏସବୁ କଥା ବିଚାରକୁ ନେଲେ ଶିକ୍ଷାକ୍ଷେତ୍ରରେ ଆମ ସ୍ଥିତି କେଉଁଠି ତାହା ସ୍ପଷ୍ଟ ଅନୁମେୟ । ଏବେବି ସମୟ ଅଛି । ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ଓ ମହାବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଥିବା ଆମ ଶିକ୍ଷା ବ୍ୟବସ୍ଥାକୁ ସଜାଡିବାକୁ ହେବ । କାରଣ ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ଼, ସେ ଦେଶର ମାନବ ସମ୍ବଳ ସେତେ ଦକ୍ଷ ତଥା ବିକଶିତ । ତେଣୁ ଶିକ୍ଷା କ୍ଷେତ୍ରରେ ଥିବା ଅସଙ୍ଗତିକୁ ଦୂର କରିବା ଏକାନ୍ତ ଅପରିହାର୍ଯ୍ୟ ।

—ହିମାଂଶୁଶେଖର ଆଚାର୍ଯ୍ୟ
ତିର୍ତ୍ତୋଲ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

# ରାଷ୍ଟ୍ରୀୟ ବସ୍ତୁ ପରିବହନ ନୀତି

ସୌମେନ୍ଦ୍ର ଜେନା



କେନ୍ଦ୍ର ସରକାର ନିକଟରେ ରାଷ୍ଟ୍ରୀୟ ବସ୍ତୁ ପରିବହନ ନୀତି ଘୋଷଣା କରିଛନ୍ତି । ବସ୍ତୁ ଓ ଉତ୍ପାଦର ଭଣ୍ଡାରୀକରଣ, ଯୋଗାଣ, ଉତ୍ତମ ପରିବହନର ବ୍ୟବସ୍ଥିତ ନୀତିକୁ ଲଜିଷ୍ଟିକ୍ ପଲିସି କୁହାଯାଏ । ଏହାର ଲକ୍ଷ୍ୟ ହେଲା ଦ୍ରବ୍ୟ-ବସ୍ତୁଗୁଡ଼ିକୁ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ଗ୍ରାହକମାନଙ୍କ ସୁବିଧା ଦୃଷ୍ଟିରୁ ସମୟାବଦ୍ଧ ପରିବହନ ମାଧ୍ୟମରେ ପହ□ାଇବା ଏବଂ ଏହାର ସୁରକ୍ଷା ପାଇଁ ଉତ୍ତମ ଭଣ୍ଡାର ବ୍ୟବସ୍ଥା ଯୋଗାଇ ଦେବା । ଏହା ସବୁବେଳେ ମୂଲ୍ୟ ଦୃଷ୍ଟିରୁ ଲାଭଜନକ ଏବଂ କମ୍ ସମୟରେ ଯୋଗାଣ ହେବା ଆବଶ୍ୟକ । ଦେଶର ଦୁର୍ବଳ ଭଣ୍ଡାର ଏବଂ ପରିବହନ ବ୍ୟବସ୍ଥା ଯୋଗୁ ଅନେକ ଖାଦ୍ୟାନ୍ନ ଏବଂ ଅନ୍ୟାନ୍ୟ ବସ୍ତୁ ପ୍ରତିବର୍ଷ ନଷ୍ଟ ହୋଇ ଲକ୍ଷଲକ୍ଷ କୋଟି ଟଙ୍କା କ୍ଷତି ହେଉଛି । ସେମିତି ପରିବହନର ଖର୍ଚ୍ଚ ଦୃଷ୍ଟିରୁ ବିଚାର କଲେ ଆମେରିକାରେ ୮ ପ୍ରତିଶତ, ଚୀନରେ ୧୦ ପ୍ରତିଶତ ପରିବହନ ଖର୍ଚ୍ଚ ହେଉଥିବା ସମୟରେ ଭାରତରେ ୧୪ ପ୍ରତିଶତ ଖର୍ଚ୍ଚ ହେବା ଯୋଗୁ ପ୍ରତିଯୋଗିତାମୂଳକ ବଜାର ଦରରେ ଭାରତର ବସ୍ତୁର ମୂଲ୍ୟ ଅଧିକ ହେଉଛି । ତେଣୁ ବିଦେଶକୁ ରପ୍ତାନୀ କ୍ଷେତ୍ରରେ ଦେଶର ବ୍ୟବସାୟୀ ଏବଂ ଶିଳ୍ପସଂସ୍ଥା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଦେଶ ଯେ ପର୍ଯ୍ୟନ୍ତ ବସ୍ତୁ ଓ ସାମଗ୍ରୀର ପରିବହନକୁ ବ୍ୟବସ୍ଥିତ ନ କରିଛି ସେ ପର୍ଯ୍ୟନ୍ତ ସମସ୍ୟା ଜାରି ରହିଥିବ ବୋଲି ବିଶେଷଜ୍ଞଙ୍କ ମତ ।

ବିଶ୍ୱର ବସ୍ତୁ ପରିବହନ କ୍ଷେତ୍ରରେ ଦକ୍ଷତା ଦୃଷ୍ଟିରୁ ଦେଶମାନଙ୍କର ସାରଣୀ ପ୍ରସ୍ତୁତ କରାଯାଇଛି । ଏଥିପାଇଁ ବହିଃଶୁଳ୍କ କ୍ଷେତ୍ରରେ ଦକ୍ଷତା, ବ୍ୟବସ୍ଥାର ଗୁଣବତ୍ତା, ଜାହାଜ ପରିବହନ ବ୍ୟବସ୍ଥାର ସୁପରିଚାଳନା, ପରିବହନ ସେବାର ଗୁଣବତ୍ତା, ବସ୍ତୁ ପରିବହନର ଅବସ୍ଥିତିକୁ ଜାଣିବା, ପରିବହନ ନିମନ୍ତେ ସମୟସାରଣୀକୁ ବିଚାରକୁ ନିଆଯାଇ ଏହି ସୂଚକାଙ୍କ ପ୍ରସ୍ତୁତି କରାଯାଇଥାଏ । ପରିବହନକୁ ସୁଗମ କରିବା ନିମନ୍ତେ ଏହିସବୁ ବିଷୟ ଉପରେ ଧ୍ୟାନ ଦିଆଯିବା ଜରୁରୀ ହୋଇଥାଏ । ୨୦୧୮ର ପରିବହନ ସୂଚକାଙ୍କକୁ ଦେଖିଲେ ପଏଣ୍ଟ ଅନୁଯାୟୀ ପୃଥିବୀର ଶ୍ରେଷ୍ଠ ୧୦ ଦେଶଙ୍କ ସ୍ଥାନ ଏହିପରି ରହିଛି ଜର୍ମାନୀ (୪.୨୦), ସ୍ୱିଡେନ (୪.୦୫), ବେଲଜିୟମ (୪.୦୪), ଅଷ୍ଟ୍ରିଆ (୪.୦୩), ଜାପାନ (୪.୦୩), ନେଦରଲାଣ୍ଡ (୪.୦୨), ସିଙ୍ଗାପୁର (୪.୦୦), ଡେନମାର୍କ (୩.୯୯), ବ୍ରିଟେନ (୩.୯୯), ଫିନଲାଣ୍ଡ (୩.୯୨) । ବସ୍ତୁ ପରିବହନ ଦକ୍ଷତା ସୂଚକାଙ୍କ ଯେଉଁ ୬ଟି ମୁଖ୍ୟ ବିଷୟକୁ ନେଇ ବିଚାର କରିଥାଏ ତାହା ସରଳ ଭାବେ ବୁଝାଯାଇପାରେ । ପରିବହନ ନିଷ୍କାସନ ବ୍ୟବସ୍ଥାରେ ଦକ୍ଷତା କହିଲେ ଗତି, ସହଜତା, କାର୍ଯ୍ୟ ସଂପାଦନର ନିର୍ଦ୍ଦିଷ୍ଟ ସମୟାବଧିକୁ ଆଧାର କରି ସୀମାରେ ନିୟନ୍ତ୍ରଣ କରୁଥିବା ସଂସ୍ଥା ଏବଂ ସୀମାଶୁଳ୍କକୁ ନେଇ ବିଚାର କରାଯାଏ । ଦ୍ୱିତୀୟରେ ବାଣିଜ୍ୟ ଓ ପରିବହନ ପାଇଁ ଭିତ୍ତିଭୂମି ଡା□ାଗତ ବ୍ୟବସ୍ଥା (ବନ୍ଦର, ରେଳପଥ, ସଡକ, ସୂଚନା ପ୍ରଯୁକ୍ତିବିଦ୍ୟା)ର ଉତ୍ତମ ଉପଲବ୍ଧତାକୁ ବିଚାରକୁ ନିଆଯାଏ । ତୃତୀୟରେ ପରିବହନ ପାଇଁ ସୁଲଭ ଦରରେ ବ୍ୟବସ୍ଥା ମଧ୍ୟ ରହିଛି । ଚତୁର୍ଥରେ ଡା□ାଗତ ସେବାର ଗୁଣବତ୍ତା ଏବଂ ଦକ୍ଷତା (ପରିବହନ ପରିଚାଳକ, ସୀମା ଶୁଳ୍କ ଦଲାଲ) ବଡ କଥା । ପ□ମରେ ପଠାଯାଇଥିବା ବସ୍ତୁ ଓ ଦ୍ରବ୍ୟର ସ୍ଥିତି ସଂପର୍କରେ ଜାଣିପାରିବାର ଦକ୍ଷତା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଶେଷରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଲକ୍ଷ୍ୟ ସ୍ଥଳରେ ଯେପରି ମାଲ ପହ□ାଯାଇପାରିବ ତା' ଉପରେ ଜୋର ଦିଆଯାଇଥାଏ ।

କେନ୍ଦ୍ର ସରକାରଙ୍କ କୌଣସି ନୀତିର ସଫଳତା ରାଜ୍ୟଗୁଡିକର କ୍ରିୟାନ୍ୱୟନ କ୍ଷେତ୍ରରେ ଦକ୍ଷତା ଉପରେ ନିର୍ଭରଶୀଳ । ରାଜ୍ୟଗୁଡିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ୨୦୧୫ରୁ ବିଶ୍ୱବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ବିଷୟ ଅନୁଯାୟୀ ସୂଚକାଙ୍କ ପ୍ରସ୍ତୁତ ହେଉଛି । ଏଥିରେ ଅନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ ସହଯୋଗ କରୁଛି । ଫେବୃଆରୀ ୨୦୧୭ରେ କେନ୍ଦ୍ର ସରକାର ଜାତିସଂଘ ବିକାଶ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରୀୟ ଉତ୍ପାଦକତା ପରିଷଦକୁ ରାଜ୍ୟଗୁଡିକର ଦକ୍ଷତା ବୃଦ୍ଧି ପାଇଁ ଦାୟିତ୍ୱ ଦେଇଥିଲେ । ଯାହାଫଳରେ ଭିନ୍ନ ଭିନ୍ନ ରାଜ୍ୟ ବାଣିଜ୍ୟ ସଂସ୍କାର କାର୍ଯ୍ୟଯୋଜନା ପ୍ରସ୍ତୁତ କରି ସେମାନଙ୍କ ସ୍ଥାନ ସୂଚକାଙ୍କରେ କ୍ରମଶଃ ଉନ୍ନତି ହେବା ଦିଗରେ କାର୍ଯ୍ୟ କରୁଛନ୍ତି । ସେମିତି ବାଣିଜ୍ୟରେ ସହଜତା ପାଇଁ ୫ ସେପ୍ଟେମ୍ବର ୨୦୨୦ରେ ରାଜ୍ୟଗୁଡିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ୧୮୧ ସଂସ୍କାର ବିନ୍ଦୁ ସ୍ଥିର କରାଯାଇଥିଲା, ଯାହା ୪୫ ବାଣିଜ୍ୟ ପରିଚାଳନା କ୍ଷେତ୍ରକୁ ଛୁଇଁପାରୁଥିଲା । ୨୦୧୯ର ଉପଲବ୍ଧ ସୂଚନା ଅନୁସାରେ ରାଜ୍ୟର ବସ୍ତୁ ପରିବହନ କ୍ଷେତ୍ରରେ ଉତ୍ତମ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଯେଉଁ ସୂଚକାଙ୍କ ପ୍ରସ୍ତୁତ କରାଯାଇଥିଲା, ତଦନୁସାରେ ସ୍ଥିତି ଏହିପରି ଥିଲା-(୧) ଆନ୍ଧ୍ର ପ୍ରଦେଶ, (୨) ଉତ୍ତର ପ୍ରଦେଶ, (୩) ତେଲେଙ୍ଗାନା, (୪) ମଧ୍ୟ ପ୍ରଦେଶ, (୫) ଝାଡଖଣ୍ଡ, (୬) ଛତିଶଗଡ (୭) ହିମାଚଳ ପ୍ରଦେଶ, (୮) ରାଜସ୍ଥାନ, (୯) ପଶ୍ଚିମବଙ୍ଗ, (୧୦) ଗୁଜରାଟ । ରାଜ୍ୟଗୁଡିକ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଚାଲିବା ଯୋଗୁ ପ୍ରତିବର୍ଷ ଏହି ସୂଚକାଙ୍କରେ ବ୍ୟାପକ ପରିବର୍ତ୍ତନ ହେଉଥିବା ଦେଖିବାକୁ ମିଳୁଛି ।

ଏଥିପାଇଁ ଗତ ୧୯ ସେପ୍ଟେମ୍ବର ୨୦୨୨ରେ ରାଷ୍ଟ୍ରୀୟ ବସ୍ତୁ ପରିବହନ ନୀତି ଘୋଷଣା କରି କେନ୍ଦ୍ର ସରକାର କହିଛନ୍ତି ସେ ରାଜ୍ୟଗୁଡିକ ଏଥିପ୍ରତି ଧ୍ୟାନ ଦେଲେ ୧୦ ପ୍ରତିଶତ ପରିବହନ ଖର୍ଚ୍ଚ କମ୍ ହେବା ସହ ବିଦେଶକୁ ରପ୍ତାନୀ ୫ରୁ ୮ ପ୍ରତିଶତକୁ ବୃଦ୍ଧିପାଇବ । ଆମେରିକାରେ ବସ୍ତୁ ପରିବହନ ଖର୍ଚ୍ଚ ୮ ପ୍ରତିଶତ, ଚୀନରେ ୧୦ ପ୍ରତିଶତ ହେଉଥିଲା ବେଳେ ଭାରତରେ ୧୪ ପ୍ରତିଶତ ଖର୍ଚ୍ଚ ହେଉଛି । ତେଣୁ ଦେଶ ଭିତରେ ବସ୍ତୁର ମୂଲ୍ୟ ଅଧିକ ରହୁଥିବା ହେତୁ ବିଦେଶକୁ ରପ୍ତାନୀ କରିବା ସହଜ ହେଉନାହିଁ । କାରଣ ଆନ୍ତର୍ଜାତିକ ବଜାରର ପ୍ରତିଦ୍ୱନ୍ଦ୍ୱିତାମୂଳକ ମୂଲ୍ୟର ଲଢେଇରେ ଭାରତର ବସ୍ତୁର ମୂଲ୍ୟ ଅନ୍ୟ ରାଷ୍ଟ୍ର ତୁଳନାରେ ଅଧିକ ରହିବା ଯୋଗୁ ବିକ୍ରି ସମ୍ଭବ ହେଉନାହିଁ । ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟରପ୍ଲାନ ଅନୁସାରେ ଏ କ୍ଷେତ୍ରର ବିକାଶ ପାଇଁ ଯେଉଁ ନୀତିର ଘୋଷଣା କରାଯାଇଛି ତା'ର ତିନୋଟି ଲକ୍ଷ୍ୟ ରହିଛି- (୧) ୨୦୩୦ ସୁଦ୍ଧା ଆନ୍ତର୍ଜାତିକ ଦର ତୁଳନାରେ ଭାରତର ପରିବହନ ଖର୍ଚ୍ଚକୁ ହ୍ରାସ କରିବା, (୨) ୨୦୩୦ ସୁଦ୍ଧା ପରିବହନ ଦକ୍ଷତା ସୂଚକାଙ୍କର ୨୫ଟି ଦେଶ ମଧ୍ୟରେ ରହିବା, (୩) ଦେଶରେ ପରିବହନର ଶୃଙ୍ଖଳିତ, ତଥ୍ୟ ଆଧାରିତ ନିଷ୍ପତ୍ତି ନେବାଲାଗି ଏକ ବ୍ୟବସ୍ଥା ନିର୍ମାଣ କରିବା ।

ଦେଶର ବିକାଶ ପାଇଁ ରପ୍ତାନୀରେ ବୃଦ୍ଧି ଏବଂ ଆମଦାନୀରେ ହ୍ରାସ ହେବା ଆବଶ୍ୟକ । ଦେଶରେ ୧ ମେଟ୍ରିକ ଟନ ଓଜନର ମାଲ ପରିବହନ ପାଇଁ ସଡକପଥରେ ୩.୬୯ ଟଙ୍କା, ଜଳପଥରେ ୨ ଟଙ୍କା, ରେଳପଥରେ ୧.୬୦ଟଙ୍କା, ଆକାଶପଥରେ ୧୮ ଟଙ୍କା ଖର୍ଚ୍ଚ ହେଉଛି । ଦେଶର ମୋଟ ବସ୍ତୁ ପରିବହନର ୭୨ ପ୍ରତିଶତ ସଡକପଥରେ, ମାତ୍ର ୧୭.୫ ପ୍ରତିଶତ ରେଳପଥରେ ହେଉଛି । କିନ୍ତୁ ବିଶ୍ୱର ବିକଶିତ ରାଷ୍ଟ୍ରଗୁଡିକରେ ରେଳପଥ ଓ ଜଳପଥରେ ସବୁଠୁ ଅଧିକ ପରିବହନ ହୋଇଥାଏ । ଭାରତରେ ବସ୍ତୁ ପରିବହନ ନିମିତ୍ତ ଆବଶ୍ୟକ କଣ୍ଟେନର ଅଭାବ ଯୋଗୁ ରେଳପଥରେ ଅଧିକ ପରିବହନ ହୋଇପାରୁନାହିଁ । ସେଥିପ୍ରତି ଦୃଷ୍ଟି ଦେଇ ୯୦,୦୦୦ ରେଳ ୱାଗନ କିଣିବା ଲାଗି କେନ୍ଦ୍ର ସରକାର ଆଦେଶ ଦେଇସାରିଛନ୍ତି । ଏହାଛଡା ରେଳଧାରଣାର ଅଭାବ ହେତୁ ରେଳ ପରିବହନ ଅଧିକ ସମୟ ନେଉଛି, ଯାହାର ଆଧୁନିକୀକରଣ ଆବଶ୍ୟକ । ଏହାଛଡା ସଡକ ସମସ୍ୟାକୁ ଦେଖିଲେ ଗୋଟିଏ ଟ୍ରକ୍ ଭାରତରେ ଦିନକୁ ୩୦୦ କିମି ଅତିକ୍ରମ କରିପାରୁଥିବା ସ୍ଥଳେ ଆମେରିକାରେ ଗୋଟିଏ ଟ୍ରକ ଦିନକୁ ୯୦୦ କିମି ବାଟ ଯାଇଥାଏ । ଭାରତରେ ବାଇପାସ୍ ସଡକର ଅଭାବ ଯୋଗୁ ଟ୍ରକ ପରିବହନ ଅଧିକ ସମୟ ନେଇଥାଏ । ଏହାଛଡା ଲକ୍ଷ୍ୟସ୍ଥଳରେ ମାଲ ଯୋଗାଇ ଦେବାପରେ ଶତକଡା ୪୦ ପ୍ରତିଶତ ଟ୍ରକ୍ ମୂଳସ୍ଥାନକୁ ଖାଲି ଫେରିଥାଏ । ଅନ୍ୟପକ୍ଷରେ ପୃଥିବୀରେ ୬୦ ପ୍ରତିଶତ ପରିବହନ ରେଳ ଯୋଗେ ହୋଇଥାଏ । ଭାରତରେ ରେଳଷ୍ଟେସନଗୁଡିକରେ ମାଲ ଲଦିବା ଏବଂ ଖଲାସ କରିବା ଠିକ୍ ଭାବେ ହେଉନଥିବା ଯୋଗୁ ମାଲର ସୁରକ୍ଷା ପାଇଁ ଲୋକେ ସଡକ ପରିବହନକାରୀ ସଂସ୍ଥା ଉପରେ ଅଧିକ ଭରସା କରିଥା'ନ୍ତି ।

ଏହିସବୁ ସମସ୍ୟାର ସମାଧାନ ପାଇଁ ଅଲଗା ଅଲଗା କାର୍ଯ୍ୟରତ ବିଭାଗଗୁଡିକୁ ୟୁଲିପ୍ ପ୍ଲାଟଫର୍ମ ସହ ଯୋଡାଯିବା କାର୍ଯ୍ୟ ଆସନ୍ତା ଛଅମାସ ମଧ୍ୟରେ ଶେଷ ହେବ । ପ୍ରଧାନମନ୍ତ୍ରୀ ଗତିଶକ୍ତି ଯୋଜନା ସହ ପରିବହନ ଢା□ା ନିର୍ମାଣ ପାଇଁ ଏସବୁକୁ ଯୋଡାଯିବ । ପୂର୍ବରୁ ସରକାର ସାଗରମାଳା, ଭାରତମାଳା, ରାଷ୍ଟ୍ରୀୟ ରେଳ ଯୋଜନା, ପୂର୍ବ ପଶ୍ଚିମ ପରିବହନ କରିଡର ଆଦି ନିର୍ମାଣ ପରି ଯୋଜନା ଚାଲୁ ରଖିଛନ୍ତି । ଦେଶରେ ଏବେ ଆମେରିକାର ଜିପିଏସ୍‌କୁ ସ୍ଥିତି ଜାଣିବାପାଇଁ ବ୍ୟବହୃତ ହେଉଥିଲା ବେଳେ ଆଗାମୀ ଦିନରେ ଏହା ବଦଳରେ ଭାରତର ନାଭିକ ବ୍ୟବସ୍ଥା ୨୦୨୩ରୁ ଚାଲୁ ହୋଇଯିବ । ମୋବାଇଲ ମାଧ୍ୟମରେ ଦେଶୀ ଟ୍ରାକିଂ ବ୍ୟବସ୍ଥା ରହିବ । ଜାତୀୟ ରାଜପଥ ସଂସ୍ଥା ସମେତ ଅନେକ ସେବା ପ୍ରଦାନକାରୀ ସଂସ୍ଥା ୟୁଲିପ୍ ପ୍ଲାଟଫର୍ମ ସହ ଯୋଡି ହୋଇ ଦେଶରେ କାମ କରିବେ । ଭଣ୍ଡାରୀକରଣ ବ୍ୟବସ୍ଥା, କଣ୍ଟେନର ରଖିବା ବ୍ୟବସ୍ଥା ଆଦି ଅଧିକ ନିର୍ମିତ ହେବ । ଦେଶର ଏହି କ୍ଷେତ୍ର ଜିଡିପିର ୧୪ ପ୍ରତିଶତ ଏବଂ ପରିମାଣରେ ପ୍ରାୟ ୨୦୦ ବିଲିଅନ ଡଲାର ହେବ । ଏହି କ୍ଷେତ୍ର ୧ କୋଟି ୨୦ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି । ଆଗାମୀ ୫ ବର୍ଷରେ ୧୦.୫ ପ୍ରତିଶତ ହାରରେ ଏହାର ବୃଦ୍ଧି ସମ୍ଭାବନା ରହିଛି । କିନ୍ତୁ ୮୦ ପ୍ରତିଶତ ନିଯୁକ୍ତି ଅସଂଗଠିତ ହୋଇଥିବା ହେତୁ ଅନେକ ସମୟରେ ଆବଶ୍ୟକ ତଥ୍ୟ ମିଳିନଥାଏ । ତେଣୁ ନୂତନ ନୀତିରେ ସମନ୍ୱିତ ପରିବହନ ବ୍ୟବସ୍ଥାର ଯୋଜନା (ସିଏଲ୍‌ପି), ଏକୀକୃତ ପରିବହନର ଶୃଙ୍ଖଳିତ ବ୍ୟବସ୍ଥା (ୟୁଲିପ୍) ସେବାର ସୁବିଧା ପାଇଁ ଡାସ୍‌ବୋର୍ଡ ପ୍ରସ୍ତୁତି (ଇ-ଲଗ୍‌ସ) ଉପରେ ଧ୍ୟାନ ଦିଆଯିବ । ୟୁଲିପ୍‌ରେ ୩୦ଟି ପରିବହନଗତ ବ୍ୟବସ୍ଥା, ୭ ମନ୍ତ୍ରଣାଳୟରେ ବିଭାଗକୁ ଯୋଡାଯାଇଛି । ଏହି ନୀତି ଦେଶ ଏକ ବ୍ୟବସ୍ଥିତ ପରିବହନର ଶୃଙ୍ଖଳା ନିର୍ମାଣ କରିବ ଏବଂ ତାହା ବିଶ୍ୱସ୍ତରୀୟ ହେବ ବୋଲି ଆଶା କରାଯାଉଛି ।

-ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ସ୍ମୃତିରେ ବିଜ୍ଞାନ ୨୦୨୨



ଚଳିତ ୨୦୨୨ ଶେଷ ହେବାକୁ ଯାଉଛି । ଏହି ଚର୍ଚ୍ଚିତ ଓ ସ୍ମରଣୀୟ ବର୍ଷର ବିଜ୍ଞାନ ସମ୍ବନ୍ଧୀୟ ଐତିହାସିକ ଓ ସ୍ମରଣୀୟ ଘଟଣାବଳୀର ଉପସ୍ଥାପନ । ବରିଷ୍ଠ ରକେଟ ବୈଜ୍ଞାନିକ ଏସ.ସୋମନାଥନଙ୍କୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଦଶମ ଅଧ୍ୟକ୍ଷ ଭାବରେ ନିଯୁକ୍ତି ଦିଆଯାଇଛି । ସେ ମହାକାଶ ବିଭାଗର ସଚିବ ଭାବରେ ମଧ୍ୟ କାର୍ଯ୍ୟ କରିବେ । ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ଇଞ୍ଜିନ ଏବଂ ଜିସାଟ୍-୯ର ଇଲେକ୍ଟ୍ରିକ ପ୍ରପଲର୍ଶନ ସିଷ୍ଟମ ପ୍ରସ୍ତୁତିରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

**ଏକାଠି ଦୃଶ୍ୟମାନ ପାଞ୍ଚଟି ଗ୍ରହ:** କୋଟି କୋଟି କିମି ଦୂରରେ ନିଜ କକ୍ଷ ପଥରେ ପରିକ୍ରମଣ କରୁଥିବା ପାଞ୍ଚଟି ଗ୍ରହ, ବୁଧ, ମଙ୍ଗଳ, ଶୁକ୍ର, ବୃହସ୍ପତି ଏବଂ ଶନି ଏକ ସରଳରେଖାରେ ଦୃଶ୍ୟମାନ ହୋଇଛନ୍ତି । ୨୦୦୪ରେ ଏହି ପାଞ୍ଚଟି ଗ୍ରହ ଶେଷଥର ପାଇଁ ଦେଖାଯାଇଥିଲେ ।

**ମଙ୍ଗଳରେ ଜଳ ଥିବା ସ୍ଥାନ ଚିହ୍ନଟ:** ମଙ୍ଗଳ ଗ୍ରହରେ ଏକଦା ଜଳ ରହିଥିବା ବିଷୟରେ ପୂର୍ବରୁ ସୂଚନା ମିଳିଥିଲା । ଚଳିତ ବର୍ଷ ୟୁରୋପୀୟ ମହାକାଶ ସଂସ୍ଥା ଏହି ଗ୍ରହରେ ଜଳ ଥିବା ନିର୍ଦ୍ଦିଷ୍ଟ ସ୍ଥାନକୁ ଚିହ୍ନଟ କରିଛି ।

**ସୁପର ଆର୍ଥ ଠାବ:** ପୃଥିବୀ ଭଳି ଜୀବଜଗତ ଉପଯୋଗୀ ଗ୍ରହକୁ ଠାବ କରାଯାଇଛି । ଏହାକୁ ଟିଓଆଇ-୧୪୫୨ ନାମରେ ନାମିତ କରାଯାଇଛି । ଏହାକୁ ମଧ୍ୟ ସୁପର ଆର୍ଥ ବୋଲି ସମ୍ବୋଧନ କରାଯାଉଛି ।

**ମଙ୍ଗଳାୟନ ମିଶନ ଶେଷ:** ଭାରତର ପ୍ରଥମ ମଙ୍ଗଳ ମିଶନ ମଙ୍ଗଳାୟନ ଶେଷ ହୋଇଛି । ୨୦୧୩ରେ ଏହାକୁ ସଫଳତାର ସହ ମଙ୍ଗଳ କକ୍ଷରେ ଅବସ୍ଥାପିତ କରାଯାଇଥିଲା । ଏହାର ବ୍ୟାଟେରି ଏବଂ ଇନ୍ଧନ ଶେଷ ହେବାରୁ ତାହାକୁ ପୁନଃ କାର୍ଯ୍ୟକ୍ଷମ କରାଇବା କଷ୍ଟକର ହେବା ଫଳରେ ଏହି ମିଶନକୁ ଶେଷ କରାଯାଇଛି ।

**ପଦାର୍ଥ ବିଜ୍ଞାନ:** ଫ୍ରାନ୍ସର ଆଲେନ ଆସ୍ପେକଟ, ଯୁକ୍ତରାଷ୍ଟ୍ର ଆମେରିକାର ଜନ କ୍ଲାଉଜର ଏବଂ ଅଷ୍ଟ୍ରିଆର ଆଣ୍ଟୋନ ଜେଲିଙ୍ଗରଙ୍କୁ ପଦାର୍ଥ ବିଜ୍ଞାନ ଲାଗି ଚଳିତ ବର୍ଷର ସମ୍ମାନଜନକ ନୋବେଲ ପୁରସ୍କାର ପ୍ରଦାନ କରାଯାଇଛି । କ୍ୱାଣ୍ଟମ୍ ଯାନ୍ତ୍ରିକୀରେ ଅଭିନବ ଆବିଷ୍କାର ପାଇଁ ଏହି ତିନିଜଣ ପଦାର୍ଥ ବିଜ୍ଞାନୀଙ୍କୁ ଉକ୍ତ ପୁରସ୍କାର ମିଳିଛି । ନୋବେଲ କମିଟି ଅନୁଯାୟୀ ଫାଳ ଏଣ୍ଟାଙ୍ଗଲମେଣ୍ଟରେ ଥିବା ଫୋଟନରେ ପରୀକ୍ଷଣ, ବେଲ ଅସମାନତାର ଅମାନ୍ୟ ସିଦ୍ଧାନ୍ତ ସ୍ଥାପନ ଏବଂ କ୍ୱାଣ୍ଟମ ତଥ୍ୟ ବିଜ୍ଞାନରେ ସେମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ।

**ଭେଷଜ ବିଜ୍ଞାନ:** ସୁଇଡେନର ଷ୍ଟକହୋମରେ ଜନ୍ମିତ ଏବଂ ୬୭ ବର୍ଷ ବୟସ୍କ ଜୀବ ରସାୟନ ବିଜ୍ଞାନୀ ସ୍ୱାଣ୍ଟେ ପାବୋ ଚଳିତ ବର୍ଷ ଲାଗି ଶରୀର ବିଜ୍ଞାନ ବା ଭେଷଜ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର ପାଇଛନ୍ତି । ସମ୍ପ୍ରତି ବିଲୁପ୍ତ ହୋଇଯାଇଥିବା ଆମ ମଣିଷଙ୍କର ପୂର୍ବଜମାନଙ୍କର ଜିନ ସଂରଚନା ଏବଂ ମାନବର ବିବର୍ତ୍ତନ ସଂକ୍ରାନ୍ତ ଆବିଷ୍କାର ଲାଗି ତାଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ କରାଯାଇଛି ।

**ରସାୟନ ବିଜ୍ଞାନ:** କ୍ଲିକ କେମେଷ୍ଟ୍ରି ଉପରେ ସ୍ୱତନ୍ତ୍ର ଭାବେ ଗବେଷଣା କରି ଏ କ୍ଷେତ୍ରକୁ ଭିନ୍ନ ଭିନ୍ନ ଦିଗରୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଥିବାରୁ ଆମେରିକାର କେ. ବାରୀ ସାର୍ପଲେସ୍‌ଙ୍କ ସହିତ ଡେନମାର୍କର କୋପେନହାଗେନ ବିଶ୍ୱବିଦ୍ୟାଳୟର ମୋରଟେନ ପିଟର ମେଲଡାଲ ଏବଂ ଆମେରିକାର ଷ୍ଟାନଫୋର୍ଡ଼ ବିଶ୍ୱବିଦ୍ୟାଳୟର କ୍ୟାରୋଲିନ ଆର. ବେରଟୋଜିଙ୍କୁ ମିଳିତ ଭାବରେ ପ୍ରଦାନ କରାଯାଇଛି ଚଳିତ ବର୍ଷର ରସାୟନ ବିଜ୍ଞାନ ପାଇଁ ମର୍ଯ୍ୟାଦାଜନକ ନୋବେଲ ପୁରସ୍କାର । ତମ୍ବା ଉଦପ୍ରେରକ ବ୍ୟବହାର କରି ଆଜାଇଡ଼ ଏବଂ ଆଲକାଇନ ମଧ୍ୟରେ ମୁଦ୍ରାକାର ସଂଯୋଗ ଉପରେ ମଧ୍ୟ ମେଲଡାଲଙ୍କ ଗବେଷଣା ଆଧାରିତ ଥିଲା ଯାହାକି ତାଙ୍କୁ ନୋବେଲ ପୁରସ୍କାର ଆଣି ଦେଇଥିଲା । ବରଟୋଜି ଜୀବକୋଷ ଉପରେ ଗବେଷଣା କରି ଉଦ୍ଭାବନ କରିଥିଲେ ବାୟୋ ଅର୍ଥଗୋନାଲ ପ୍ରତିକ୍ରିୟା ।

**ଭାରତର ପ୍ରଥମ ଲିକ୍ୟୁଡ ମିରର ଟେଲିସ୍କୋପ:** ଭାରତ, ବେଲଜିୟମ ଏବଂ କାନାଡ଼ାର ଜ୍ୟୋତିର୍ବିଜ୍ଞାନୀଙ୍କ ସହାୟତାରେ ଲିକ୍ୟୁଡ ମିରର ଟେଲିସ୍କୋପ ନିର୍ମାଣ କରାଯାଇଛି । ଏହା ହେଉଛି ଭାରତର ପ୍ରଥମ ସର୍ବବୃହତ୍ ଦୂରବୀକ୍ଷଣ ଯନ୍ତ୍ର ।

**ଅଗ୍ନି-୫ର ବ୍ୟାବହାରିକ ପରୀକ୍ଷଣ:** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ ପକ୍ଷରୁ ଧାମନଗର ଅବଦୁଲ କଲାମ ଦ୍ୱୀପରୁ ଅନ୍ତଃଦେଶୀୟ ବାଲାଷ୍ଟିକ ମିଶାଇଲ ଅଗ୍ନି-୫ର ବ୍ୟାବହାରିକ ପରୀକ୍ଷଣ କରାଯାଇଛି । ଏହାର ଲକ୍ଷ୍ୟଭେଦ କ୍ଷମତା ରହିଛି ୫୫୦୦ କିଲୋମିଟର ।

**ମହାକାଶରେ ହେବ ସୋଲାର ଫାର୍ମ:** ବିଦ୍ୟୁତ ଶକ୍ତି ସଙ୍କଟ ଦୂର କରିବା ଲାଗି ମହାକାଶରେ ସୋଲାର ଫାର୍ମ ପ୍ରତିଷ୍ଠା କରିବା ପାଇଁ ୟୁରୋପୀୟ ବୈଜ୍ଞାନିକମାନେ ଏକ ଅଭିନବ ଉପାୟ ସ୍ଥିର କରିଛନ୍ତି ।

**ଭାରତର ପ୍ରଥମ ଘରୋଇ ରକେଟ:** ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ରରୁ ଭାରତର ପ୍ରଥମ ଘରୋଇ ବିକ୍ରମ-୧କୁ ସଫଳତାର ସହ ମହାକାଶକୁ ପ୍ରେରଣ କରାଯାଇଛି । ହାଇଦ୍ରାବାଦସ୍ଥିତ ଷ୍ଟାର୍ଟଅପ ସଂସ୍ଥା ସ୍କାଏରୁଟ ଏରୋସ୍ପେଶ ଏହି ରକେଟକୁ ପ୍ରସ୍ତୁତ କରିଛି । ସୂଚନାଯୋଗ୍ୟ ଭାରତର ପ୍ରଥମ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି ।

**ପୃଥ୍ୱୀ-୨ର ରାତ୍ରି ପରୀକ୍ଷଣ:** ବାଲେଶ୍ୱର ଚାନ୍ଦିପୁରସ୍ଥିତ ଆଇଟିଆର ପରିସରରେ ପୃଥ୍ୱୀ-୨ କ୍ଷେପଣାସ୍ତ୍ରର ସଫଳ ରାତ୍ରି ପରୀକ୍ଷଣ କରାଯାଇଛି । ଭୂପୃଷ୍ଠରୁ ଭୂପୃଷ୍ଠକୁ ଲକ୍ଷ୍ୟଭେଦ କରିପାରୁଥିବା ଏହି ସ୍ୱଳ୍ପ ଦୂରଗାମୀ ବାଲାଷ୍ଟିକ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ରହିଛି ୨୫୦-୩୦୦ କିଲୋମିଟର । ଏହି କ୍ଷେପଣାସ୍ତ୍ର ୧୦୦୦ କି.ଗ୍ରା. ପର୍ଯ୍ୟନ୍ତ ଯୁଦ୍ଧାସ୍ତ୍ର ବହନ କରିପାରିବ । ଏହାର ଲମ୍ବ ରହିଛି ୮.୫୬ ମି. ।

ସମଗ୍ର ବିଶ୍ୱରେ ଭାରତ ଏକ ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ରାଷ୍ଟ୍ର ଭାବେ ପରିଚିତ । ଭାରତର ବିଜ୍ଞାନ, ମହାକାଶ ବିଜ୍ଞାନ ଯେଉଁ କ୍ଷେତ୍ର ଓ ସ୍ଥାନରେ ପହଞ୍ଚିଛି, ତାହା ଭାରତକୁ ଏକ ଶକ୍ତିଶାଳୀ ବିଜ୍ଞାନଭିତ୍ତିକ ଜ୍ଞାନବୃଦ୍ଧିସମ୍ପନ୍ନ ରାଷ୍ଟ୍ର ଭାବେ ସ୍ୱତନ୍ତ୍ର ପ୍ରତିପାଦନ କରିପାରିଛି ।

—ଡକ୍ଟର ରାଜକିଶୋର ମିଶ୍ର
ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦

# ଶରଣାଗତି ଯୋଗ



ପିଲାବେଳେ ଆମ୍ଭେମାନେ ଏକ ଗପ ଶୁଣିଥିଲୁ । ସେଥିରେ ଯେତିକି ମଜା କଥା ଅଛି ସେତିକି ନୈତିକତା ମଧ୍ୟ ଲୁଚି ରହିଛି । ଜଣେ ମହିଳା କୃଷ୍ଣଙ୍କର ଅତି ଭକ୍ତ । ସେ ସିଦ୍ଧାନ୍ତ କରି ନେଇଥା'ନ୍ତି ଯେ ସେ ଯାହା କରିବେ ସବୁ କୃଷ୍ଣଙ୍କୁ ଅର୍ପଣ କରି କରିବେ । ତାଙ୍କ ଭାବ ଏତେ ଦୃଢ଼ ଓ ନିର୍ମଳ ଯେ ସେ ଗୋବରରେ ଘସି ପାରୁ ପାରୁ ଯଦି କେହି ଦେବେ 'କୃଷ୍ଣାର୍ପଣମସ୍ତୁ' ମନ୍ଦିର ପୂଜକ ଠାକୁରଙ୍କୁ ଧୋଇ ଧୋଇ ହଇରାଣ ହୋଇଯାଆନ୍ତି । କିନ୍ତୁ କ'ଣ କରାଯିବ ? ପରିଶେଷରେ ସେ ଏ ସ୍ତ୍ରୀଲୋକ କଥା ଜାଣିବାକୁ ପାଇଲେ ଏବଂ ନିଶ୍ଚିତ ହୋଇଗଲେ ଯେ ଏ ସ୍ତ୍ରୀଲୋକଟି ବଞ୍ଚିଥିବା ପର୍ଯ୍ୟନ୍ତ ଠାକୁରଙ୍କ ଦେହରେ ଗୋବର ପଡ଼ିବାରୁ ଆଉ ରକ୍ଷା ନାହିଁ ।

ଦିନେ ସ୍ତ୍ରୀ ଲୋକଟି ଶକ୍ତ ବେମାର ପଡ଼ିଲେ ଓ ମୃତ୍ୟୁ ସମୟ ପାଖେଇ ଆସିଲା । ମହିଳା ଜଣକ ନିଜ ମୃତ୍ୟୁକୁ ମଧ୍ୟ କୃଷ୍ଣଙ୍କୁ ଅର୍ପଣ କରିଦେଲେ । ମୃତ୍ୟୁଦୂତ ସିଧା କୃଷ୍ଣଙ୍କ ମନ୍ଦିରକୁ ଯାଇ ମନ୍ଦିରକୁ ଭାଙ୍ଗିଦେଲା । କୃଷ୍ଣନାମ ଧ୍ୟାନ ଆଗରେ ସ୍ୱର୍ଗର ମଧ୍ୟ କିଛି ବିଶେଷ ମୂଲ୍ୟ ନାହିଁ । ତୁମର ପ୍ରତ୍ୟେକ କର୍ମ ଭଲ ହେଉ ବା ମନ୍ଦ, ଈଶ୍ୱରଙ୍କୁ ସମର୍ପିତ ହୋଇ ହେଉ । ଏପରି ହେଲେ ଚମତ୍କାର ଫଳାଫଳ ମିଳିବ । ମାଟିଆ ବା ନାଲିଆ ରଙ୍ଗର ଧାନକୁ ଭାଜିଦେଲେ ସୁନ୍ଦର ସଫେଦ ଖଇ ମିଳୁଛି । ଏ ପରିବର୍ତ୍ତନ କେବଳ ଅଗ୍ନି ଯୋଗୁଁ ସମ୍ଭବ । ଗହମକୁ ଚୁରିଲେ ଆମେ ଶୁଭ୍ର କୋମଳ ଅଟା ପାଉ । ସେହିଭଳି ଛୋଟ ବଡ଼, ସମସ୍ତ କର୍ମ ଯଦି ଭକ୍ତିପୂର୍ଣ୍ଣ ଓ ଉତ୍ସର୍ଗୀକୃତ ଭାବେ କରାଯାଏ, ତାହାହେଲେ ସେଗୁଡ଼ିକ ମଧ୍ୟ ଉଚ୍ଚମାନ ପ୍ରାପ୍ତ ହେବେ । ଭକ୍ତିଭାବଯୁକ୍ତ କର୍ମ ମୂଲ୍ୟବାନ ଓ ମହାନ ହୋଇଯାଏ । ସେହିଦୃଷ୍ଟିରୁ ଫୁଲଟିଏ, ବେଲପତ୍ର ବା ତୁଳସୀ ପତ୍ରଟିକୁ ସାଧାରଣ ଜିନିଷ ବୋଲି ଭାବ ନାହିଁ ।

ଯାହା କରାଯାଉ, ଯଦି ତାହା ଭାବବିଜଡ଼ିତ, ତେବେ ସେ ସବୁ ମହାନ । ଆମେ କେତେ ବେଶୀ ଦେଲୁ ତାହା ବଡ଼ କଥା ନୁହେଁ । କି ପ୍ରକାର ଭାବର ସହ ଦେଲ, ସେ ହେଉଛି ବଡ଼ । ଜିନିଷର ଗୁଣ, ମାନ, ପରିମାଣ, ଆକାର ବା ମୂଲ୍ୟ ଆଦୌ ବଡ଼ କଥା ନୁହେଁ, ତାହା ଯେଉଁ ଭାବ ଓ ଭକ୍ତିର ସହ ଅର୍ପିତ ହେଲା, ତାହା ବିଚାର୍ଯ୍ୟ । ସେଥିରେ ନିହିତ ଥିବା ଆବେଗ ହିଁ ଗ୍ରହଣୀୟ । ଜୀବନରେ ଆମେ କେତେ ପରିମାଣର କର୍ମ ବା ବ୍ରତ ଆଚରଣ କଲେ, ତାହା ଗଣାଯାଏ ନାହିଁ । ପ୍ରଭୁ ଚିନ୍ତାରେ ନିମଜ୍ଜିତ ହୋଇ, ପ୍ରଭୁ ଚରଣରେ ସମର୍ପିତ ଭାବ ବିଜଡ଼ିତ କୌଣସି ଗୋଟିଏ କାମ ମଧ୍ୟ ଆମକୁ ସର୍ବାଧିକ ଓ ସମ୍ପୂର୍ଣ୍ଣ ଅନୁଭୂତି ପ୍ରଦାନ କରିବ । ସଂକ୍ଷେପରେ କହିବାକୁ ଗଲେ ଆମେ ଯଦି ଆମର ସରଳ ଓ କ୍ଷୁଦ୍ର କର୍ମମାନ ଭଗବତ ପଦାର୍ପିତ ହୋଇ କରିବା, ତାହାହେଲେ ମୋକ୍ଷ ପ୍ରାପ୍ତ ହେବା ।

ରାଜଯୋଗରେ କଥିତ ଅଛି-କର୍ମରୁ ବିମୁଖ ହୁଅନାହିଁ । ସେଗୁଡ଼ିକୁ ପ୍ରଭୁଙ୍କୁ ଅର୍ପଣ କରିଦିଅ । ସେଗୁଡ଼ିକ ହିଁ ପୁଷ୍ପାଞ୍ଜଳି । ସାଧନା ସହ ସେଗୁଡ଼ିକୁ ନେଇଯାଇ ପ୍ରଭୁ ପାଦପଦ୍ମରେ ଅଜାଡ଼ି ଦିଅ । ଏକପକ୍ଷରେ କର୍ମ ଅନ୍ୟପକ୍ଷରେ ଭକ୍ତି, ଉଭୟକୁ ସଂଯୋଗ କରି ଅଗ୍ରସର ହୁଅ, ଗୋଟିଏ ସୁନ୍ଦର ଜୀବନ ଗଠନ କର । ଧାନ ବୁଣିବା ଆଉ ଧାନ ଫୋପାଡ଼ିବା ଭିତରେ ଗୋଟିଏ ବଡ଼ ବ୍ୟବଧାନ ରହିଛି । ଯାହା ବୁଣିଛ ସେଥିରୁ ଯଥେଷ୍ଟ ପାଇବ, ଯାହା ଫୋପାଡ଼ି ଦେଇଛ, ସେ ନଷ୍ଟ ହୋଇଗଲା । ଭଗବାନଙ୍କୁ ଯାହା ସମର୍ପି ଦେଲ, ତାହା ବୁଣିବା ସଙ୍ଗେ ସମାନ । ତାହାଦ୍ୱାରା ଅମାପ ଆନନ୍ଦ ଲାଭ କରିବ, ଜୀବନକୁ ପୂତ ପବିତ୍ର ଓ ସଫଳ କରିପାରିବ ।

ଯୁଧିଷ୍ଠିର ମହାରଣା, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୧୬୩୫୨୮




# ସବୁଛାଡ଼ି ଯିବାକୁ ହିଁ ପଡ଼ିବ !



ଆମର ଆଖପାଖର ଦୁନିଆରେ ଅନେକ ସମୟରେ ଆମେ ଏପରି ଏକ ଏକ ଘଟଣାକୁ ସାମ୍ନା କରୁ ଯାହାକି ଆମ୍ଭମାନଙ୍କୁ ବିବେକର ନିଷ୍ପତ୍ତି ନେଇ ଚିନ୍ତା କଲାବେଳକୁ ଘଟଣାଚକ୍ର ଆଉ କିଛି ମୋଡ଼ ନେଇଯାଇଥାଏ। ସେହିପରି ଜୀବନରେ ଅନେକ ସମୟରେ ଆମେ ଅନୁଭବ କରୁ ଯେ ପ୍ରକୃତରେ ଆମେ ଆସିଥିବା ଦୁନିଆରେ ଆମ୍ଭ ମାନଙ୍କ ପାଇଁ ଶ୍ରେଷ୍ଠ କର୍ତ୍ତବ୍ୟର ଆହ୍ୱାନ କ'ଣ? ଏହିପରି କ୍ରମରେ ଏକ ଛୋଟିଆ ଆଧ୍ୟାତ୍ମିକ ତତ୍ତ୍ୱର କଥାଟି ଉପସ୍ଥାପନ କରୁଛି। ଦିନେ ପିମ୍ପୁଡ଼ିଟିଏ ଗୋଟିଏ ପତ୍ର ପାଇଲା। ପତ୍ର ତାର କେଉଁ କାମରେ ଲାଗିବ, ତାକୁ ଜଣା ନଥିଲା ବା ସେତକ ଜାଣିବା ପାଇଁ ତାଠାରେ ବୋଧଶକ୍ତିର ଅଭାବ ଥିଲା। ହେଲେ ସେ ପତ୍ରଟିକୁ ବୋହି ଘରମୁହାଁ ହେଲା। ପିମ୍ପୁଡି ତୁଳନାରେ ପତ୍ରଟି ଖୁବ୍ ବଡ଼ ଥିଲା। ପତ୍ରଟିକୁ ବୋହିବା ପାଇଁ ତାକୁ ଖୁବ୍ ପରିଶ୍ରମ କରିବାକୁ ପଡୁଥାଏ। ବାଟରେ ଆସିଲା ନାନା ପ୍ରତିବନ୍ଧ। ତେବେ ସେ ନିଜ ନିପୁଣତାର ପରିଚୟ ଦେଇ ସମସ୍ତ ପ୍ରତିବନ୍ଧ ପାର ହୋଇଗଲା। ଶେଷରେ ସେ ପହଞ୍ଚିଲା ନିଜର ଲକ୍ଷ୍ୟ ସ୍ଥଳୀ ଗାତ ମୁହଁରେ। ପତ୍ରଟିକୁ ଗାତ ଭିତରକୁ ନେବାକୁ ଚେଷ୍ଟା କରି ସେ ବିଫଳ ହେଲା। କୌଣସି ପ୍ରକାରେ ନିଜର ଉଦ୍ୟମରେ ସଫଳ ନ ହେବାରୁ ସେଇଟିକୁ ଗାତ ବାହାରେ ଛାଡ଼ି ସେ ଭିତରେ ପଶିଗଲା। ଅର୍ଥାତ୍ ସେ ଅଯଥା ଜିନିଷଟିଏ ବୋହିଚାଲିଥିଲା ଯାହାକୁ ଶେଷରେ ସେ ଛାଡ଼ିବାକୁ ବାଧ୍ୟ ହେଲା। ମଣିଷର ଜୀବନ ବି ବହୁ ମାତ୍ରାରେ ପିମ୍ପୁଡ଼ି ପରି ନୁହେଁ କି? ଆମେ ପରିବାର ପାଇଁ ବ୍ୟସ୍ତ। ଅର୍ଥାଭାବ ଆମକୁ ବିବ୍ରତ କରେ। ଆମ ଭିତରେ ଏମିତି ଅନେକ ଅଛନ୍ତି ଯେଉଁମାନେ ଅର୍ଥ ସଞ୍ଚିବାକୁ ଜୀବନର ଧର୍ମ ଭାବନ୍ତି। ଅସଫଳତା ଆମକୁ ଘାରେ। ସଫଳ ହେବା ପାଇଁ ଆମେ ନାନା ଅବୈଧ ପନ୍ଥାର ଆଶ୍ରୟ ନେଉ। ତେବେ ଶେଷରେ କ'ଣ ହୁଏ? ଅନ୍ତିମ ସମୟରେ ଧନସଂପତ୍ତି, ସଂପର୍କୀୟ କୌଣସି କାମରେ ଲାଗନ୍ତିନାହିଁ। ସବୁ ଛାଡ଼ି ଏକଲା ଯିବାକୁ ପଡ଼େ।

**ଦେବଦତ୍ତ ବିଶ୍ୱାଳ**, ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ: ୯୮୬୧୯୪୪୫୯୪, E-mail : deba1976biswal@gmail.com

# ଦିବ୍ୟାଙ୍ଗଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ



ଭୁବନେଶ୍ୱର (ପିଏନ୍): ଦିବ୍ୟାଙ୍ଗମାନେ ହେଉଛନ୍ତି ଭଗବାନଙ୍କ ଗୋଟିଏ ଗୋଟିଏ ଅବତାର। ସେମାନଙ୍କ ମୁହଁରେ ହସ ଫୁଟାଇ ପାରିଲେ ତାହା ହେବ ଭଗବାନଙ୍କ ପ୍ରତି ଆମର ଶ୍ରେଷ୍ଠ ସମ୍ମାନ। ଏଥିପାଇଁ ଆମେ ସମସ୍ତେ ମିଳିମିଶି ଉଦ୍ୟମ କରିବା ଉଚିତ୍ ବୋଲି ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବରେ ଯୋଗ ଦେଇଥିବା ବିଶିଷ୍ଟ ଅତିଥିମାନେ ମତ ଦେଇଛନ୍ତି ।

ଦୈନିକ ଖବରକାଗଜ ନନ୍ଦିନୀ ପକ୍ଷରୁ ଆୟୋଜିତ ହୋଇଯାଇଛି ରାଜ୍ୟ ସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ। ଏହିରେ ୨୨ଟି ବିଦ୍ୟାଳୟ ଓ ୩ଟି ମହାବିଦ୍ୟାଳୟର ଦୁଇ ହଜାରରୁ ଅଧିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ଦିବ୍ୟାଙ୍ଗ ସଂଗଠନର କର୍ମକର୍ତ୍ତା ଓ ଦିବ୍ୟାଙ୍ଗ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ଦୈନିକ ଖବର କାଗଜ 'ନନ୍ଦିନୀ' ର ସଂପାଦକ ହେମନ୍ତ ରଥଙ୍କ ଆବାହକତ୍ୱରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମାନ୍ୟବର ଭୁବନେଶ୍ୱର ମଧ୍ୟ ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ସମ୍ମାନୀୟ ଅତିଥି ଭାବେ ସମ୍ବାଦର ମୁଖ୍ୟ ସାମ୍ବାଦିକ ତଥା ବିଶିଷ୍ଟ ସମାଜସେବୀ ଚୌଧୁରୀ ଅମିତାଭ ଦାସ, ଲୋକପ୍ରିୟ ଚଳଚ୍ଚିତ୍ର ତାରକା ପପୁ ପମ୍ ପମ୍ ଓ କନକ ଟିଭିର ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ଓଲଟା ପାଲଟାର ଲୋକପ୍ରିୟ ଉପସ୍ଥାପିକା ଶୁଭଲକ୍ଷ୍ମୀ ବାରିକ (ଜଲି) ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଦିବ୍ୟାଙ୍ଗ କଳାକାରମାନେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଜେନା କଳାକାର ଓ ସମାଜସେବୀମାନଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କାଏଆଇ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଜଗନ୍ନାଥ ତ୍ରିପାଠୀ, ପ୍ରକଳ୍ପ ନିର୍ଦ୍ଦେଶକ ରଞ୍ଜନ କୁମାର, ବ୍ୟବସାୟ ପରିଚାଳକ ଉତ୍କର୍ଷ ପାଟିଲ, କନ୍ଦରପୁରର ନିତିଦିନ ପ୍ରତିନିଧି ବିଶିଷ୍ଟ ସାମ୍ବାଦିକ ବିଷ୍ଣୁ ଚରଣ ବେହେରା, ରଘୁନାଥପୁରର ସକାଳ ପ୍ରତିନିଧି ବିଭୂତି ଭୂଷଣ ମଲ୍ଲ, କିଶନନଗରର ସମ୍ବାଦ ପ୍ରତିନିଧି ସାଜିଦ୍ ଅଲ୍ଲୀ, ନେତାଜୀ ନର୍ସିଂ କଲେଜର ରଶ୍ମିତା ଜେନା, ଉଇ ଫର୍ ଭୁବନେଶ୍ୱର ଅନୁଷ୍ଠାନ, ମାଣିକ୍ୟ ଫାଉଣ୍ଡେସନ, ଭଦ୍ରକର ସମାଜସେବୀ ମନ୍ଦାକିନୀ ପଣ୍ଡା, ସମାଜସେବୀ ଭୀର୍ ଜେନା, କଟକ ବିଦ୍ୟାଧରପୁର ସରସ୍ୱତୀ ଶିକ୍ଷା ମନ୍ଦିରର ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା ଓ ପ୍ରିୟବ୍ରତ ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏହି ଅବସରରେ ଶ୍ରୀ ଜେନା କହିଥିଲେ ଯେ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ ଥାଇ ମଧ୍ୟ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ମଧ୍ୟ ନିଜ ପ୍ରତିଭା ଦ୍ୱାରା କିପରି ଅସାଧାରଣ ହୋଇପାରିଛନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରାଜ୍ୟ ସ୍ତରରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ଅତ୍ୟନ୍ତ ବିରଳ। ଭଗବାନଙ୍କର ଏହି ଅବତାରମାନଙ୍କୁ ଗୋଟିଏ ସ୍ଥାନରେ ଏକାଠି କରିବା ଓ ସେମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାପାଇଁ ଶ୍ରୀ ରଥଙ୍କର ଭୂୟସୀ ପ୍ରଶଂସା କରିଥିଲେ। ଉଲ୍ଲେଖନୀୟ ଯେ ଶ୍ରୀ ରଥଙ୍କ ଉଦ୍ୟମରେ ବିଗତ ଦୀର୍ଘ ୧୬ବର୍ଷ ଧରି ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ ପାଳିତ ହୋଇ ଆସୁଛି। ଏଥି ସହିତ ହେମନ୍ତ ରଥ ଫାଉଣ୍ଡେସନର ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଦିବ୍ୟାଙ୍ଗ କମଳା ପାତ୍ରଙ୍କୁ ଏକ ସିଲେଇ ମେସିନ୍ ମାନ୍ୟବର ବିଧାୟକଙ୍କ ଦ୍ୱାରା ପ୍ରଦାନ କରି ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଦିବ୍ୟାଙ୍ଗମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବାପାଇଁ କାମନା କରିଥିଲେ। ବ୍ରିଙ୍ଗ ସ୍ମାଇଲ୍‌ର ଅଧ୍ୟକ୍ଷା ସୁଚରିତା ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କଳିଙ୍ଗ ସେନାର ଉପସଭାପତି ହେମନ୍ତ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସମାଜସେବୀ ଦେବଦତ୍ତ ମିଶ୍ର ଏବଂ ଅନନ୍ୟା ମିଶ୍ର କାର୍ଯ୍ୟକ୍ରମ ଶେଷରେ ତିନିହଜାର ଦିବ୍ୟାଙ୍ଗ ପିଲାଙ୍କୁ ସାବୁନ ବଣ୍ଟନ କରିଥିଲେ।

# ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ସଂସ୍କାର



ଓଡ଼ିଶା ସରକାର ସର୍ବଶେଷ ସୂଚନା ପ୍ରଯୁକ୍ତି ଓ ସାମାଜିକ ଗଣମାଧ୍ୟମର ବ୍ୟବହାର କରି ଡ୍ରାଇଭିଂ ଲାଇସେନ୍ସ ବ୍ୟବସ୍ଥାରେ ନୂଆ ପ୍ରକାର ବ୍ୟବସ୍ଥା ଆପଣାଉଛନ୍ତି। ଦିନକୁ ଦିନ ଲୋକମାନେ ସୋସିଆଲ ମିଡ଼ିଆ ସହିତ ଅତ୍ୟନ୍ତ ସକ୍ରିୟ ରହୁଛନ୍ତି ଓ ହାତପାହାନ୍ତାରେ ଥିବା ମୋଇବାଲ ମାନଙ୍କରେ ସରକାରଙ୍କ ପ୍ରଦତ୍ତ ସର୍ବଶେଷ ତଥ୍ୟ ଓ ସଚେତନତା ଜାଣି ପାରୁଛନ୍ତି। ତେବେ ଏହା ଭିତରେ ଏକ ବଡ଼କଥା ହେଉଛି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଲାଗି ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି। ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ କ୍ଷେତ୍ରରେ ଥିବା ମାନୁଆଲ ବ୍ୟବସ୍ଥା ବଦଳରେ ଡିଜିଟାଲ ବା କମ୍ପ୍ୟୁଟରୀକରଣ କରାଯାଉଛି। ଏଥିଲାଗି ଅଟୋମେଟିକ ବା ସ୍ୱୟଂ ଚାଳିତ ଡ୍ରାଇଭିଂ ଟେଷ୍ଟିଂ ସିଷ୍ଟମ ବ୍ୟବସ୍ଥାର ପ୍ରଚଳନ ହେଉଛି। ପ୍ରାଥମିକ ପର୍ଯ୍ୟାୟରେ ୧୯ଟି ଆରଟିଓରେ ଏହି ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଏଥିଲାଗି ଅତ୍ୟାଧୁନିକ ଡ୍ରାଇଭିଂ ପରୀକ୍ଷଣ ଟ୍ରାକ ସ୍ଥାପନ କରାଯାଉଛି।

ସୂଚନାଯୋଗ୍ୟ ଯେ ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ହେଲେ ପ୍ରତ୍ୟେକଙ୍କୁ ଡ୍ରାଇଭିଂ ସ୍କିଲ ଟେଷ୍ଟ ଦେବାକୁ ପଡ଼ିଥାଏ। ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ଜଣେ ମୋଟର ଯାନ ଇନ୍ସପେକ୍ଟରଙ୍କ ଉପସ୍ଥିତିରେ ଏହି ପରୀକ୍ଷା ଦେବାକୁ ପଡୁଛି। ପରୀକ୍ଷା ଶେଷରେ ଏହି ଅଧିକାରୀ ନିଷ୍ପତ୍ତି ନିଅନ୍ତି ଯେ ଆପଣଙ୍କର ଡ୍ରାଇଭିଂ କରିବାର କ୍ଷମତା ଅଛି କି ନାହିଁ। ଏହି ପ୍ରଚଳିତ ବ୍ୟବସ୍ଥା ଶୀଘ୍ର ଇତିହାସ ହେବାକୁ ଯାଉଛି। ଏବେ ଡ୍ରାଇଭିଂ ଦକ୍ଷତା ବିଷୟରେ ନିଷ୍ପତ୍ତି କ୍ୟାମେରା, ସେନ୍ସର ଏବଂ କମ୍ପ୍ୟୁଟର ଉପରେ ନ୍ୟସ୍ତ କରାଯିବ। ଏଥିଲାଗି ରାଜ୍ୟ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଟେଷ୍ଟ ସିଷ୍ଟମକୁ ଅପଗ୍ରେଡ୍ କରାଯାଉଛି।

ନୂତନ ବ୍ୟବସ୍ଥାରେ କେବଳ ଆବେଦନକାରୀଙ୍କ କେବଳ ଡ୍ରାଇଭିଂ ଦକ୍ଷତା ଯାଞ୍ଚ ହେବନାହିଁ ବରଂ ଲାଇସେନ୍ସ ପ୍ରଦାନ କରିବା ସମୟରେ ସ୍ୱଚ୍ଛତାକୁ ମଧ୍ୟ ସୁନିଶ୍ଚିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୯ଟି ଆରଟିଓରେ ଡ୍ରାଇଭିଂ ପରୀକ୍ଷଣ ଟ୍ରାକରେ ଏଡିଟିଏସ ସ୍ଥାପନ କରାଯିବ। ଭିଡ଼ିଓ ଆନାଲିଟିକ୍ସ ଟେକ୍ନୋଲୋଜି ଓ କ୍ୟାମେରା ଏବଂ ସେନ୍ସରର ବ୍ୟବହାର କରି ଏହି ସିଷ୍ଟମ ଏକ ଅତ୍ୟାଧୁନିକ ସେଟଅପ ପ୍ରଦର୍ଶିତ ହେବ। ଯାନଗୁଡ଼ିକର ପ୍ରବେଶଠାରୁ ଆରମ୍ଭ କରି ଏହାର ଯାଞ୍ଚ ସବୁକିଛି ଡିଜିଟାଲ ପଦ୍ଧତିରେ ସୁନିଶ୍ଚିତ କରାଯିବ। ଟ୍ରାକରେ ଫିଟ ହୋଇଥିବା ଡିଜିଟାଲ ଟେଷ୍ଟିଂ ସେନ୍ସରଗୁଡ଼ିକ ଏହାଉପରେ ନଜର ରଖିବ ଏବଂ ଆବେଦନକାରୀଙ୍କ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏକାଧିକ ହୋଇ ଡେଫିନେସନ କ୍ୟାମେରା ସହିତ ବୈଜ୍ଞାନିକ ପଦ୍ଧତିରେ ପରିକଳ୍ପିତ ସିଷ୍ଟମକୁ ଆବେଦନକାରୀଙ୍କ ଡ୍ରାଇଭିଂ ଦକ୍ଷତାର ମୂଲ୍ୟାଙ୍କନ କରିବାକୁ ସଜାଗ ରଖାଯିବ। ଟ୍ରାକ ଗୁଡ଼ିକ ସେନ୍ସର ସହିତ ଲାଇନ ହେବ, ପରୀକ୍ଷଣ ସମୟରେ ସେନ୍ସରକୁ ମାରିବା ଦ୍ୱାରା ମାର୍କ ନଷ୍ଟ ହେବ।

ଆବେଦନକାରୀଙ୍କ ଦକ୍ଷତା ପରୀକ୍ଷା ସିଟ ବେଲ୍ଟ, ପାଥ ପରିବର୍ତ୍ତନ, ଗାଡ଼ି ଚାଳନା, ଷ୍ଟପ ଲାଇନ, ଅପ ଗ୍ରେଡିଏଣ୍ଟ, ଫରୱାର୍ଡ-୮, ରିଭର୍ସ ଏସ ଏବଂ ଟ୍ରାଫିକ ଜଙ୍କସନ ପରି ପାରାମିଟର ଉପରେ ବିଚାର କରାଯିବ। ସେଠାରେ ଏକ ଏଲଇଡି ଟେଲିଭିଜନ ସହିତ ସଜ୍ଜିତ ହେବ ଯାହା କ୍ରମାଗତ ଭାବରେ ପାସ ଖେଳିବ ଏବଂ ଏଲଏମଭି ଏବଂ ମୋଟର ସାଇକେଲ ଲାଗି ଭିଡ଼ିଓ ବିଫଳ ହେବ। ପରୀକ୍ଷା ସମୟରେ ଯଥାଶୀଘ୍ର ଆବେଦନକାରୀଙ୍କ ପରୀକ୍ଷା ଫଳାଫଳ ପାସ କିମ୍ବା ଫେଲ ପ୍ରଦର୍ଶନ କରିବାକୁ ପ୍ରତ୍ୟେକ ଭେରିଏବଲ ମେସେଜିଂ ସମସ୍ତ ପରୀକ୍ଷା ଟ୍ରାକରେ ରଖାଯିବ। ୧୦ ସେକେଣ୍ଡ ମଧ୍ୟରେ ଫଳାଫଳ ଜଣାପଡ଼ିବ। ସମ୍ପୃକ୍ତ ପରୀକ୍ଷଣ ସମାପ୍ତ ହେବା ପରେ, ସ୍ମାର୍ଟ ଫୋନରେ ପାସ ବା ଫେଲର ବାର୍ତ୍ତା ପ୍ରଦର୍ଶିତ ହେବ। ଡ୍ରାଇଭିଂ ଲାଇସେନ୍ସ ପାଇବାକୁ ଚାହୁଁଥିବା ପ୍ରାର୍ଥୀଙ୍କ ଦକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷଣ ପାଇଁ ଉନ୍ନତ ପ୍ରଶିକ୍ଷଣ ପଦ୍ଧତି ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବ ଓ ସମଗ୍ର ପ୍ରକ୍ରିୟା ସଠିକତାକୁ ସୁନିଶ୍ଚିତ କରିବ।

**ନାଟ୍ୟସାରଥି ଅଭୟ କୁମାର ଦାସ**
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭

# ସମାଜ ସୁଧାରିବାରେ ସରକାର ଓ ସାମ୍ବାଦିକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର (ପିଏନ୍): ସମାଜକୁ ସୁଧାରିବା ପାଇଁ ସରକାରଙ୍କ ଯେତିକି ଦାୟିତ୍ୱ ରହିଛି ସମାନ ପରିମାଣର ଦାୟିତ୍ୱ ଜଣେ ସାମ୍ବାଦିକର ମଧ୍ୟ ରହିଛି । ଲୋକଙ୍କ ଭିତରେ ରହି ସେମାନଙ୍କର ସମସ୍ୟାକୁ ସରକାରଙ୍କ ନଜରକୁ ଆଣିବା ପରେ ସରକାର ଏ ଦିଗରେ ବିଧିବଦ୍ଧ କାର୍ଯ୍ୟପନ୍ଥା ଗ୍ରହଣ କରିଥାଏ ଓ ସମସ୍ୟାର ସମାଧାନ ହୋଇଥାଏ । ତେଣୁ ସମାଜକୁ ସୁଧାରିବା, ବିକଶିତ କରିବାରେ ଉଭୟ ସାମ୍ବାଦିକ ଓ ସରକାରଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି ଭୁବନେଶ୍ୱର ବିଧାୟକ (ମଧ୍ୟ) ଅନନ୍ତ ନାରାୟଣ ଜେନା । ଓଡ଼ିଶା ସାମ୍ବାଦିକ ୟୁନିଅନ୍‌ର ୫୧ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ଜେନା ଏହା କହିଥିବା ବେଳେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସାମ୍ବାଦିକଙ୍କ ଦାୟିତ୍ୱ ପାଇଁ ସରକାର ଓ ରାଜନେତା ନିଜକୁ ସୁଧାରିପାରିଥାନ୍ତି ବୋଲି ମତ ଦେଇଥିଲେ । ଭାରତୀୟ ପ୍ରେସ୍ କାଉନ୍‌ସିଲ୍‌ର ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମହାନ୍ତି କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଥିଲେ, ସମଗ୍ର ଭାରତବର୍ଷରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯେଉଁଠାରେ କରୋନା ସମୟରେ ସାମ୍ବାଦିକଙ୍କ ମୃତ୍ୟୁ ପରେ ପରିବାରକୁ ୧୫ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ଦିଆଯାଇଥିଲା । ସେହିଭଳି ରାଜ୍ୟ ସରକାରଙ୍କ ସାମ୍ବାଦିକ ପାଇଁ ଘୋଷଣା କରିଥିବା ବିଭିନ୍ନ ଯୋଜନା ପାଇଁ ସରକାରଙ୍କୁ ପ୍ରଶଂସା କରିଥିବା ବେଳେ ଆଗାମୀ ଦିନରେ ସ୍ୱାସ୍ଥ୍ୟବୀମା ରାଶି ୫ଲକ୍ଷକୁ ବୃଦ୍ଧି କରିବା ଓ ଅବସରପ୍ରାପ୍ତ ସାମ୍ବାଦିକଙ୍କ ପାଇଁ ପେନସନ୍ ବ୍ୟବସ୍ଥା ଲାଗୁ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏ ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଶ୍ରୀ ଜେନା ଓ ଶ୍ରୀ ରାଉତରାୟଙ୍କ ଜରିଆରେ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ଆସିଆ ବେଗମ୍, ଓୟୁଜେର ଉପସଭାପତିକିଷାନ ରାଉତ, ବରିଷ୍ଠ ସାମ୍ବାଦିକ ହଳଧର ଧୀର, ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ, ପ୍ରମୋଦ ସାମନ୍ତରାୟ, ସୁଧାଂଶୁ ପାତ୍ର, ଅଭୟ ପତି, ପ୍ରଫୁଲ୍ଲ ମହାନ୍ତି, ଅଜୟ ଦାସ, ବିଶ୍ୱରଂଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାର ସାମ୍ବାଦିକ ପ୍ରତିନିଧିମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ଯୁବ ସାମ୍ବାଦିକ ଚିନ୍ମୟ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୟୁନିଅନର ନୂତନ ଗୃହକୁ ଉଦ୍‌ଘାଟନ କରାଯାଇଥିବା ବେଳେ ଓୟୁଜେ ପକ୍ଷରୁ ଏକ ନୂତନ ନ୍ୟୁଜ୍ ପୋର୍ଟାଲ୍ ଉନ୍ମୋଚନ କରାଯାଇଥିଲା ।

# ପାଇକ ସ୍ମାରକୀ ସ୍ଥଳ ଜାଗା ହସ୍ତାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ



ଖୋର୍ଦ୍ଧା (ପିଏନ୍): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଖୋର୍ଦ୍ଧା ପାଇକ ବିଦ୍ରୋହ ଶୌର୍ଯ୍ୟଗାଥାକୁ ସ୍ମରଣ କରି ୨୦୧୯ ଡ଼ିସେମ୍ବର ୮ ତାରିଖ ଦିନ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀର ଶିଳାନ୍ୟାସ କରିଥିଲେ। ବହୁ ଘନଘଟା ମଧ୍ୟରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଜାଗା ପ୍ରଦାନ ପାଇଁ ଅହେତୁକ ବିଳମ୍ବ ଘଟିଥିଲା। କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ନିରନ୍ତର ଉଦ୍ୟମ ଫଳରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ୯.୬୮୫ ଡ଼ିସିମିଲ ଜାଗା ହସ୍ତାନ୍ତର ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଜାଗା ମାପଚୁପ ଓ ପଥର ଖୁଂଟି ପୋତିବା ପାଇଁ ରାଜସ୍ୱ ବିଭାଗ ଓ ଜଙ୍ଗଲ ବିଭାଗ ତଥା କେନ୍ଦ୍ର ସରକାରଙ୍କ ସଂସ୍କୃତି ବିଭାଗ ଅଧିକାରୀ କର୍ମଚାରୀଙ୍କ ଉପସ୍ଥିତିରେ ଜାଗାର ଚାରିପାଖ ନିର୍ଦ୍ଧାରଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ. ଶିଶିର କୁମାର ନାୟକ, ସଭାପତି ଭୀମସେନ ପ୍ରଧାନ, ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ମୁଖ୍ୟ ଉପଦେଷ୍ଟା ସତ୍ୟବାଦୀ ବଳିଆରସିଂହ, ଉପଦେଷ୍ଟା ତଥା ପିଣ୍ଡିକ ବାହୁବଳେନ୍ଦ୍ର ସ୍ମୃତି କମିଟିର ସମ୍ପାଦକ ଅମରେନ୍ଦ୍ର ମହାପାତ୍ର, ଉପସଭାପତି ପ୍ରଫୁଲ୍ଲ କୁମାର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥାଇ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ଗତ ୮ ତାରିଖ ଦିନ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସ୍ମାରକୀ ସ୍ଥଳରେ ସାଧାରଣ ସଭା ହୋଇ ତୁରନ୍ତ ଜାଗା ହସ୍ତାନ୍ତର ପାଇଁ ଦାବି ଉପସ୍ଥାପିତ କରାଯାଇଥିଲା। ଏହାପରେ ୯ ତାରିଖ ଦିନ ରାଜ୍ୟ ସରକାର ମଞ୍ଜୁରୀ ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଲେ। ଗତ ୧୨ ତାରିଖ ଦିନ କେନ୍ଦ୍ର ସଂସ୍କୃତି ବିଭାଗ ଖୋର୍ଦ୍ଧା ଡ଼ି.ଏଫ.ଓ ଏବଂ ତହସିଲଦାରଙ୍କୁ ଉପସ୍ଥିତ ରହି ମଞ୍ଜୁରୀ ଦେବା ପାଇଁ ଚିଠି ଲେଖିଲେ। ଏହି ମଞ୍ଜୁରୀ ପ୍ରକ୍ରିୟା ସମ୍ପ୍ରତି ତ୍ୱରାନ୍ୱିତ ହେଉଥିବାରୁ କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ଅଧିକାରୀମାନଙ୍କୁ ସାଧୁବାଦ ଜଣାଇଦିଆଯାଇଛି।

# ଆନ୍ତର୍ଜାତିକ ସ୍କାଉଟ ଗାଇଡ୍ ଜାମ୍ବୋରିରେ ଓଡିଶା ସ୍କାଉଟର ବିଭିନ୍ନ କଳା କୌଶଳ ପ୍ରଦର୍ଶନ



ଭୁବନେଶ୍ୱର (ପିଏନ୍): ଗତ ୨୧ ତାରିଖଠାରୁ ୨୭ ତାରିଖ ପର୍ଯ୍ୟନ୍ତ ମୋଦୁବିଡରେ, କର୍ଣ୍ଣାଟକଠାରେ ଆନ୍ତର୍ଜାତିକ ସ୍କାଉଟ ଗାଇଡ୍ ସାଂସ୍କୃତିକ ଜାମ୍ବୋରୀ ଅନୁଷ୍ଠିତ ହୋଇଅଛି। ଏହି ଜାମ୍ବୋରୀରେ ଓଡିଶା ସମେତ ଛତିଶଗଡ, ଦକ୍ଷିଣପୂର୍ବ ରେଳପଥ, କର୍ଣ୍ଣାଟକ, ଦାଦରନଗର ହାଭେଲି, ଆସାମ, ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ଗୁଜୁରାଟ, ରାଜସ୍ଥାନ ଇତ୍ୟାଦି ରାଜ୍ୟ ଏବଂ ନେପାଳ, ପାକିସ୍ତାନ, ମାଲେସିଆ ଆଦି ବିଭିନ୍ନ ଦେଶରୁ ମୋଟ ୭୦୦୦୦ରୁ ଉର୍ଦ୍ଧ୍ୱ ସ୍କାଉଟ ଗାଇଡ୍ ଅଂଶଗ୍ରହଣ କରିଥିଲେ। ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର ଡଃ. କାଳିପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଓଡିଶାରୁ ୨୫୦ ଜଣ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର ଏବଂ ସେମାନଙ୍କର ୟୁନିଟ୍ ଲିଡରମାନେ ଅଂଶଗ୍ରହଣ କରି ଓଡିଶାର ବିଭିନ୍ନ କଳା କୌଶଳ ଏବଂ ଓଡିଶାର ବିଭିନ୍ନ ସାମଗ୍ରୀକୁ ପ୍ରଦର୍ଶନ କରିଥିଲେ। ବିଭିନ୍ନ ରାଜ୍ୟ ଏବଂ ଦେଶରୁ ଆସିଥିବା ସ୍କାଉଟ ଗାଇଡ୍‌ପିଲାମାନେ ଏବଂ ଅତିଥିମାନେ ଏହି ପ୍ରଦର୍ଶନୀକୁ ଦେଖି ଆନନ୍ଦ ଅନୁଭବ କରିଥିଲେ । ବିଶେଷକରି ଓଡିଶାର ରଥଯାତ୍ରାକୁ ବହୁଲୋକ ବୁଲି ଦେଖିବା ସଙ୍ଗେସଙ୍ଗେ ରଥପାଖରେ ନିଜର ଫଟୋ ଉଠାଇବାର ଦେଖାଯାଇଥିଲା। ମାନ୍ୟବର ମନ୍ତ୍ରୀ ଖାଦ୍ୟଯୋଗାଣ ଓ ସମବାୟ ତଥା ରାଜ୍ୟସଂସ୍ଥାର ସଭାପତି ଶ୍ରୀ ଅତନୁ ସବ୍ୟସାଚୀ ନାୟକ ଏହି ଅନ୍ତର୍ଜାତୀୟ ସ୍କାଉଟ ଗାଇଡ୍ ଜାମ୍ବୋରୀରେ ଯୋଗଦେଇଥିବା ସମସ୍ତ ସ୍କାଉଟ ଗାଇଡ୍‌ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କେନ୍ଦୁଝର : ଓମ୍ବାଡସି ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କଲେ ଜଷ୍ଟିସ ଏ.କେ ପଟ୍ଟନାୟକ

କେନ୍ଦୁଝର,(ପି.ଏନ): ଓମ୍ବାଡସିର ଓଭରସାଇଟ ଅଥରିଟି ତଥା ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ.କେ ପଟ୍ଟନାୟକ ୩ ଦିନିଆ କେନ୍ଦୁଝର ଗସ୍ତରେ ଆସି ଓମ୍ବାଡସି ର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ର ଅଗ୍ରଗତି ବୁଲି ଦେଖିଛନ୍ତି। ମଙ୍ଗଳବାର ଦିନ ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଭିତିଭୂମି ବିକାଶ କାମ ଦେଖିଥିଲେ। ଆନନ୍ଦପୁର ସ୍ଥିତ ନିର୍ମାଣଧିନ ଇନଡୋର ଷ୍ଟାଡିୟମ କୁ ଦେଖିଥିଲେ। ପରେ ହାଟଡିହି ବ୍ଲକ କୁ ଯାଇ ୧୯ ଟି ଗ୍ରାମରେ ଶେଷ ହୋଇଥିବା ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କରିଥିଲେ। ଏହା ପରେ ହାଟଡିହି ବ୍ଲକରେ ଆମ ଜଙ୍ଗଲ ଯୋଜନା ପ୍ରକଳ୍ପ କାର୍ଯ୍ୟକ୍ରମ ର ସମୀକ୍ଷା କରିଥିଲେ। ସେଠାରୁ ଘଟଗାଁ ଯାଇ ମା' ତାରିଣୀଙ୍କ ଦର୍ଶନ କରି ଘଟଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ୩୦ ବେଡ ବିଶିଷ୍ଟ ଏମସିଏଚ୍ ମାତୃ ଶିଶୁ ହସପିଟାଲ ପରିଦର୍ଶନ କରି ସିଡିଏମଓ ଙ୍କ ସହ ଆଲୋଚନା କରି ପ୍ରଦାନ କରାଯାଉଥିବା ସେବା ବିଷୟରେ ଅବଗତ ହୋଇଥିଲେ। ବୁଧବାରେ ଦିନ ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକ କେନ୍ଦୁଝର କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ କରି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସଦର ବ୍ଲକ ଅନ୍ତର୍ଗତ ସାନଆମୁଣି ଗାଁ କୁ ଗସ୍ତ କରି ଛତୁ ଚାଷ ୟୁନିଟ ବୁଲି ଦେଖିଥିଲେ। ଏହି ଜୀବିକା ଓ ବଜାର ବ୍ୟବସ୍ଥା ଦ୍ୱାରା କିପରି ସେମାନଙ୍କର ଆୟ ବୃଦ୍ଧି ପାଉଛି ତାହା ଅନୁଧ୍ୟାନ କରିଥିଲେ। ଏହା ପରେ ଚମ୍ପୁଆ ଏନଏସି ରେ ସହରାଂଚଳ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଉନ୍ନତିକରଣ କାର୍ଯ୍ୟ ପରିଦର୍ଶନ କରିଥିଲେ। ସେଠାରୁ ସେ ଯାଇ ଚମ୍ପୁଆ ବ୍ଲକ ବାସୁଦେବପୁର ସ୍ଥିତ ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ବାଳିକା ଉଚ୍ଚ ବିଦ୍ୟାଳୟର ଭିିଭୂମି ବିକାଶ କାମ ଦେଖିବା ସହ ଅନ୍ତେବାସୀଙ୍କ ସହ ଆଲୋନା କରିଥିଲେ। ଯୋଡା ବ୍ଲକ ଅନ୍ତର୍ଗତ ଦେଓଝର ପଂଚାୟତ ଅନ୍ତର୍ଗତ ସିଆଳିଯୋଡା ଜଳ ବିଭାଜିକା ଦ୍ୱାରା କରାଯାଇଥିବା ଚେକଡ୍ୟାମ ବୁଲି ଦେଖିବା ସହ ଏହା ଦ୍ୱାରା କୃଷି କାର୍ଯ୍ୟ କିପରି ଚାଲିଛି ତାହା ଅନୁଧ୍ୟାନ କରି ଖୁସିବ୍ୟକ୍ତ କରିଥିଲେ। ଏହି ଚେକଡ୍ୟାମ ଦ୍ୱାରା ୧୮ ଏକର ଜମିକୁ ଜଳ ସେଚିତ ହେଉଛି। ଏହିଭଳି ପ୍ରକଳ୍ପ ଅଧିକ ସଂଖ୍ୟାରେ କରିବାକୁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କେନ୍ଦୁଝର ଫେରିବା ବାଟରେ ଝୁମ୍ପୁରା ବ୍ଲକ ସାରୁପତଳା ଗ୍ରାମରେ ଛେଳି ଚାଷ ପ୍ରକଳ୍ପ ବୁଲି ଦେଖିବା ସହ ଚାଷୀଙ୍କ ସହ ଆଲୋଚନା କରି ବିଭାଗ ଦ୍ୱାରା ମିଳୁଥିବା ସହାୟତା ସମୀକ୍ଷା କରିଥିଲେ। ଏହି ପ୍ରକଳ୍ପ ର ଭବିଷ୍ୟତ ଏବଂ ଲକ୍ଷ୍ୟ ବିଷୟରେ ବିଭାଗୀୟ ଅଧିକାରୀଙ୍କ ଠାରୁ ବୁଝିଥିଲେ। ଏହି ଗସ୍ତ ସମୟରେ ଓମ୍ବାଡସିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଜି.ରାଜେଶ,ଅଫିସିଆଲ ଅନ ସ୍ପେଶାଲ ଡ୍ୟୁଟି ସେଖ୍ ନୟିମୁଦ୍ଦିନ ଏବଂ ଦିପାୟନ ପଟ୍ଟନାୟକ, ଓମ୍ବାଡସି ସାଧାରଣ ପରିଚାଳକ(ପ୍ରଶାସନ) ସୁଧାକର ବର୍ଗ, ସାଧାରଣ ପରଚାଳକ(ଅପରେସନ) ଜୟନ୍ତ କୁମାର ଦାସ, କନସଲଟାଟଂ ପାର୍ଥସାରଥି ମହାନ୍ତି, ଟିମ ଲିଡର ଅମ୍ବୁଜ ପ୍ରସାଦ ଯାଇଥିବାବେଳେ ଜିଲ୍ଲାପାଳ ଆଶିଷ ଠାକ୍‌ରେ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବନମାଳୀ ପାତ୍ର, ପ୍ରଦୀପ ରାଉତ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ଡକ୍ଟର ଜୟନ୍ତ ନାୟକ ଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନୂଆବର୍ଷ ପାଇଁ ହୋଟେଲ ଓ ଲଜିଂ ଭଡ଼ା ଚାରିଗୁଣା : କୁମ୍ଭକର୍ଣ୍ଣ ନିଦ୍ରାରେ ପୌରସଂସ୍ଥା

ପୁରୀ,(ପି.ଏନ): ବିଶ୍ୱସ୍ତରୀୟ ଐତିହ୍ୟ ସହର ପୁରୀ । ଜାତୀୟ ରାଜପଥ ବଡ଼ଦାଣ୍ଡରେ ବାଟରେ ବସୁଛି ହାଟ । ନୂଆବର୍ଷ ପାଇଁ ବଡ଼ଦାଣ୍ଡ,ସମୁଦ୍ରକୂଳ ଓ ସାହି ଗଳିକନ୍ଦିରେ ହୋଟେଲ ଓ ଲଜିଂର ରୁମ୍ ରେଟ୍ ଚାରିଗୁଣା ବଢି ଯାଇଛି । ତିନି ଦିନିଆ ପ୍ୟାକେଜ୍ କରାଯାଇ ଗୋଟିଏ ଦିନ ରହିଲେ ମଧ ତିନି ଦିନର ଟଙ୍କା ନେଉଥିବା ଅଭିଯୋଗ ହେଉଛି । ଅତି ଚତୁରତାର ସହ କେତେକ ହୋଟେଲ ଓ ଲଜିଂରେ ଅନ୍‌ଲାଇନ ବୁକିଂ କରାଯାଇ ସଟ ବୁକିଂ କରାଯାଉଛି । ପର୍ଯ୍ୟଟକ ବିଭିନ୍ନ ହୋଟେଲରେ ବୁଲି ବୁଲି ହତାଶ ହେବା ପରେ ଯେଉଁଠାରେ ମିଳୁଛି ସେଠାରେ ଅଧିକ ଦର ଦେଇ ରୁମ୍ ବୁକିଂ କରିବାକୁ ବାଧ ହେଉଛନ୍ତି । ଅନେକ ହୋଟେଲରେ ଚାରିଚକିଆ ଗାଡ଼ି ରଖିବା ପାଇଁ ପାର୍କିଂ ବ୍ୟବସ୍ଥା ନଥିଲା ବେଳେ ବଡ଼ଦାଣ୍ଡ ଓ ସମୁଦ୍ରକୂଳକୁ ପାର୍କିଂ ଗ୍ୟାରେଜ କରାଯାଉଛି । ଅନେକ ହୋଟେଲରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନାହିଁ।

# ବଲାଙ୍ଗୀରରେ ଉଡାନ ମିଟ୍ ୨୦୨୨କୁ ଶୁଭ ଉଦ୍‌ଘାଟନ କଲେ ଓଡ଼ିଶା ରାଜ୍ୟପାଳ

ବଲାଙ୍ଗୀର,(ପି.ଏନ): ବଲାଙ୍ଗୀର ରୋଟାରି କ୍ଲବ ଅଫ୍ ଏଲାଇଟ୍ ପକ୍ଷରୁ ଆଜି ସ୍ଥାନୀୟ ଟାଉନ ବାଏଜ୍ ହାଇସ୍କୁଲ ପଡିଆରେ ଉଡାନ ମିଟ୍ ୨୦୨୨ ଉଦ୍ ?ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗ ଦେଇ ଉଡାନ ମିଟ୍ ୨୦୨୨ କୁ ଉଦ୍ ?ଘାଟନ କରିଥିଲେ । ରାଜ୍ୟପାଳ ଗଣେଶୀ ଲାଲ ବଲାଙ୍ଗୀର ଜିଲ୍ଲାରେ ମହିଳା ଶିକ୍ଷାର ବିକାଶ ଦିଗରେ ଉଡାନର ନିସ୍ୱାର୍ଥପର ସେବାକୁ ଭୁରିଭୁରି ପ୍ରଶଂସା କରିଥିଲେ । ସେବା ହିଁ ମୁକ୍ତିର ଏକମାତ୍ର ବୋଲି କହି ଶ୍ରୀ ଗଣେଶୀଲାଲ ଭାରତର ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ଓଡ଼ିଶାର ସଂସ୍କୃତି ଓ ଚାଲିଚଲଣ ମହାନ ବୋଲି କହିଥିଲେ । ଏହି ରାଜ୍ୟରେ ରଜ ପର୍ବ ପାଳନ କରାଯାଇଥାଏ ଯାହା ମାତୃଶକ୍ତିର ମହନୀୟତାକୁ ଉଜାଗର କରେ ବୋଲି କହିଥିଲେ । ପ୍ରଭୁ ଜଗନ୍ନାଥଙ୍କ ଥିବା ଏହି ରାଜ୍ୟରେ ସଂସ୍କୃତି ପରମ୍ପରା ମହାନ ଓ ଏଠାରେ ପ୍ରକୃତି କୁ ପୂଜା ହୁଏ ରଜ ପର୍ବରେ ଧରିତ୍ରୀ କୁ ପୂଜା ର ପାଳନ କରାଯାଏ ସମଗ୍ର ରାଜ୍ୟରେ ପ୍ରକୃତି ପୂଜା ପୁଣି ବର୍ଷବର୍ଷ ଧରି ରାଜ୍ୟରେ ଧନୁଯାତ୍ରା ପରି ପର୍ବ ପାଳନ କରାଯାଇଥାଏ ଯାହା ଧର୍ମ ଓ ଅଧର୍ମର ବ୍ୟାଖ୍ୟା କରିଥାଏ ବୋଲି ସେ କହିଥିଲେ କ୍ଷ ବିଭିନ୍ନ କ୍ଷେତ୍ରରେ ଆମ ରାଜ୍ୟ ବର୍ତମାନ ବିକାଶର ନୂଆଁ ଆଲୁଅ ଦେଖୁଛି । ବିଶ୍ୱ ଗୁରୁ ବୋଲି ଭାରତକୁ କହି ସମଗ୍ର ଦେଶରେ ଅନନ୍ୟ ହେଉଛି ଓଡିଶା ପ୍ରଦେଶ ଏହା ର ସ୍ୱତନ୍ତ୍ରତା ରହିଛି ଓ ଦେଶର ବିଭିନ୍ନ କ୍ଷେତ୍ରରେ ଆମ ପ୍ରଦେଶ ଆଗରେ ଅଛି, ଦେଶରେ ଓଡ଼ିଶାର ମହନୀୟ ପରମ୍ପରାକୁ ବ୍ୟାଖ୍ୟା କରିବାକୁ ଯାଇ ଓଡ଼ିଶା ବର୍ତମାନ ଏକ ଭାରତ ର ଶ୍ରେଷ୍ଠ ତମ ହେବାକୁ ଯାଉଛି ବୋଲି ଶ୍ରୀ ଗଣେଶୀଲାଲ କହିବା ସହ ଏକତା ଓ ସମନ୍ୱୟ ସ୍ଥାପନ ହିଁ ଆମକୁ ବିକାଶର ମାର୍ଗରେ ନେଇ ପାରିବ ବୋଲି କହିଥିଲେ । ରୋଟାରୀ ଏଲାଇଟ ର ସେବା କ୍ଷେତ୍ରରେ ଅନନ୍ୟ ସରକାରୀ ସ୍କୁଲ ରେ ପଢୁଥିବା ଝିଅ ମାନଙ୍କ ବିକାଶ ପାଇଁ ନିରନ୍ତର ପ୍ରଚେଷ୍ଟା ଯୋଗୁଁ ସେମାନେ ମା ର ସେବା କରୁଛନ୍ତି କହି ମାତୃଶକ୍ତିର ଉତ୍ଥାନ ଦିଗରେ ଅନେକ ଶିକ୍ଷକ ଅବସର ନେଲା ପରେ ମଧ୍ୟ ସେବା କାମରେ ଯୋଡି ହେବା କୁ ପ୍ରସଂସା କରିଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳ ନିଜ ଭାଷଣରେ ପ୍ରଥମେ ନିଜକୁ ଭଲ ପାଇଲେ ହିଁ ଅନ୍ୟ ମାନଙ୍କ ଭଲ ପାଇବା ଶିଖି ପାରିବ ବୋଲି କହିଥିଲେ । ରୋଟାରି କ୍ଲବ ଅଫ୍ ଏଲାଇଟ୍ ସଭାପତି ରିଙ୍କୁ ପାତ୍ର ଙ୍କ ପରିଚାଳନାରେ ଆୟୋଜିତ ଏହି ଉତ୍ସାବରେ ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ତାଙ୍କର ବକ୍ତବ୍ୟ ରେ ରାଜ୍ୟପାଳ ଙ୍କ ଜ୍ଞାନ ଓ ଶିକ୍ଷା କ୍ଷେତ୍ରରେ ଉଡାଣ ଭଳି କାର୍ଯ୍ୟକ୍ରମ କୁ ତୁରନ୍ତ ଆସିବାକୁ ସ୍ୱୀକୃତି ଦେଇଥିଲେ ତାଙ୍କୁ ସ୍ଥାନୀୟ ବିଧାୟକ ରୂପେ ସ୍ୱାଗତ କରିଥିଲେ , ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା ତାଙ୍କର ବକ୍ତବ୍ୟ ରେ ରାଜ୍ୟପାଳ ଙ୍କ ଜ୍ଞାନ ଓ ତାଙ୍କର ଆସିବା ବେଳ ଠାରୁ ଅଧିକାରୀ ମାନଙ୍କୁ ନେଇଥିବା ବୈଠକ ରେ ସେ ଜଣେ ଭଲ ମଣିଷ ହେବାକୁ କହିଥିଲେ ଯେ ଅନ୍ୟକୁ ସମ୍ମାନ ଦେବ ଜୀବ ଜନ୍ତୁ ପ୍ରତି ଦୟା ଭାବନା ରଖିବ ଓ ରୋଟାରୀ ଏଲିଟ୍ ଜଣେ ଅଭିଭାବକ ର କାମ କରୁଛି ଝିଅ ମାନକୁ ଆଗକୁ ବଢିବାକୁ ଏହି କାର୍ଯ୍ୟ କୁ ପ୍ରସଂସା କରିଥିଲେ । ପ୍ରଫେସର ମଧୁସୂଦନ ପତି ସ୍ୱାଗତ ଭାଷଣ ଦେଇଥିଲେ ନିଜକୁ ଏହି ମିସନ ରେ ସାମିଲ କରିଥିବା ଯୋଗୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରିଥିଲେ , ଆର୍ଥିକ ଅନଗ୍ରସର ସ୍କୁଲ ଛାତ୍ରୀ ମାନଙ୍କ ଶୈକ୍ଷିକ ବିକାଶ ଦିଗରେ ଉଡାନ୍ ର ପ୍ରୟାସକୁ ଅଭିନନ୍ଦନ ଜଣାଇ ଏହାର କର୍ମକର୍ତା ମାନଙ୍କୁ ଆହୁରି ନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ । ଉଡାଣ ୨୨ ପାଇଁ ସ୍କୁଲ ଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମନାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଏହି ଅବସରରେ ମହାମହିମ ରାଜ୍ୟପାଳ ଓ ଅନ୍ୟାନ୍ୟ ଅତିଥି ମାନଙ୍କ ଦ୍ୱାରା ଉଡାନ ପକ୍ଷରୁ ଶିକ୍ଷା ସଂପର୍କିତ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା । ଶେଷରେ ରୋଟାରି କ୍ଲବ ଅଫ୍ ଏଲାଇଟ୍ ର ସଂପାଦିକା ମମତା ପରମାର ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି ସମାରୋହରେ ସହରର ବହୁ ବୁଦ୍ଧିଜୀବୀ, ଶିକ୍ଷକ, ଅଭିଭାବକ, ଛାତ୍ରଛାତ୍ରୀ ଓ ସାମ୍ବାଦିକ ଯୋଗ ଦେଇଥିଲେ ।ସଭା ପରେ ଉଡାନ୍ ଛାତ୍ରଛାତ୍ରୀ ଓ ଆଲୁମନି ଙ୍କ ଦ୍ୱାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ଜଣାପଡିଛି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଳିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ରାଜ୍ୟପାଳ ଙ୍କ ବଲାଙ୍ଗିର ଗସ୍ତ – ଆକାକ୍ଷୀ ଜିଲ୍ଲା କୁ ପ୍ରେରଣାଦାୟୀ ଜିଲ୍ଲା ଭାବେ ପରିଣତ କରିବା ଦିଗରେ ଉଦ୍ୟମ କରିବାକୁ ପରାମର୍ଶ

ବଲାଙ୍ଗିର ,(ପି.ଏନ):ଆଜି ଓଡିଶା ର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଦୁଇ ଦିନିଆ କଳାହାଣ୍ଡି ,ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ କ୍ରମରେ ଟ୍ରେନ ଯୋଗେ ସକାଳେ ଭବାନିପାଟଣା ରେ ପହଂଚିଥିଲେ । ସେଠାରୁ ବଲାଙ୍ଗିର ଗସ୍ତରେ ଆସି ସର୍କିଟ ହାଉସ ରେ ପହଂଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ,ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ , ଜିଲ୍ଲାପାଳ ଚଂଚଳ ରାଣା ,ବଲାଙ୍ଗିର ଦାୟିତ୍ୱ ରେ ଥିବା ବରଗଡ ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମ୍ୱାର ପ୍ରମୁଖ ରାଜ୍ୟପାଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।

# ପୋଲିସ କାର୍ଯ୍ୟନୁଷ୍ଠାନ ନେଉ ନଥିବା ଅଭିଯୋଗ

କେନ୍ଦୁଝର(ପିଏନ) ଝୁମ୍ପୁରା ତହସିଲ ଅନ୍ତର୍ଗତ ବସନ୍ତପୁର ପ□ାୟତର ନଇବୁଗା ପଂଚାୟତ ରାସ୍ତାକୁ କେତେକ ମୁଷ୍ଟିମେୟ ଲୋକ ଜେସିବି ମେସିନ ଦ୍ୱାରା ରାସ୍ତା କାଟି ଦେବା ଘଟଣାକୁ ନେଇ ବିବାଦ ଘନୀଭୂତ ହେବାରେ ଲାଗିଛି। ଏହି ଘଟଣାକୁ ନେଇ ଚମ୍ପୁଆ ଉପଜିଲ୍ଲାପାଳ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ କରି ରାସ୍ତା କାଟିଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏହି ବେଆଇନ କାମ ପ୍ରତିବାଦରେ ସ୍ଥାନୀୟ ବସନ୍ତପୁର ସରପ□ ଲିପାରାଣୀ ନାୟକ ବାମେବାରୀ ଥାନାରେ ଲିଖିତ ଏତଲା ଦେଇଥିଲେ ହେଁ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ଅସନ୍ତୋଷ ବଢୁଛି। ପ୍ରକାଶ ଯେ, ଉକ୍ତ ଗ୍ରାମ୍ୟ ରାସ୍ତା ୧୯୬୫ ମସିହାରୁ ଓଏମ୍‌ସି ଖଣି ପରିବହନ ପାଇଁ ବ୍ୟବହାର କରାଯାଇ ଆସୁଥିଲା। ସେହି ରାସ୍ତାରେ ଗ୍ରାମବାସୀ ମଧ୍ୟ ଯାତାୟତ କରୁଥିଲେ। ତେବେ ଦୀର୍ଘ ପ୍ରାୟ ୧୦୦ ବର୍ଷ ପରେ ୨ଜଣ ଆଦିବାସୀ ରାଇମଣୀ ଚମ୍ପିଆ ଓ ଜୟରାମ ମୁଣ୍ଡା ଚମ୍ପୁଆ ଉପଜିଲ୍ଲାପାଳଙ୍କ କୋର୍ଟରେ ତାଙ୍କ ଜମି ଉପରେ ମେସର୍ସ ତାରିଣୀ ପ୍ରସାଦ ମହାନ୍ତି ଜବର ଦଖଲ କରି ରାସ୍ତା ନିର୍ମାଣ କରି ଖଣି ପରିବହନ କରୁଥିବା ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏହି ରାସ୍ତା ଉପରେ ଉପଜିଲ୍ଲାପାଳ ଜମି ଚିହ୍ନଟ ପାଇଁ ପାଇଁ ଝୁମ୍ପୁରା ତହସିଲଦାରଙ୍କୁ ଆଦେଶ ଦେଇଥିଲେ। ୨୧ ତାରିଖ ଦିନ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ମାପଚୁପ କରାଯାଇଥିଲା। ଜମି ମାପଚୁପ ବେଳେ ଝୁମ୍ପୁରା ଅତିରିକ୍ତ ତହସିଲଦାର କ୍ରେସନସିୟା ତିର୍କି କହିଥିଲେ ଉପଜିଲ୍ଲାପାଳଙ୍କ ଫାଇନାଲ ଅର୍ଡର ହେବା ପର୍ଯ୍ୟନ୍ତ ଜମି ଯେପରି ଅଛି ସେପରି ରହିବ ଏବଂ ଯେପରି ବ୍ୟବହାର ହେଉଛି ସେପରି ବ୍ୟବହାର ହେବ। କିନ୍ତୁ ତାଙ୍କ ଆଦେଶକୁ ଅବମାନନା କରି କେତେକ ମୁଷ୍ଟିମେୟ ଲୋକ ରାସ୍ତା କାଟି ଦେବା ଫଳରେ ବିବାଦୀୟ ପରିସ୍ଥିତି ଦେଖାଦେଇଛି। ଜେସିବି ମେସିନ ସହାୟତାରେ ରାସ୍ତାକୁ କାଟି ଗାଁକୁ ଯୋଗାଯୋଗ ବିଛିନ୍ନ କରିବା ଫଳରେ ଗାଁ ଅଶାନ୍ତ ହୋଇପଡିଛି। ଏହି ରାସ୍ତା ଉପରେ ଚୁଡିସାହି, ମୁଣ୍ଡାସାହି,ସାକ୍ରାଡିହି,ନଇବୁଗା ଆଦି ୧୦ଟି ସାହି ବିଛିନ୍ନ ହୋଇଯିବା ଫଳରେ ପାଣି,ଆମ୍ବୁଲାନ୍ସ,ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣରେ ବାଧାପ୍ରାପ୍ତ ହୋଇଥିଲା। ଏହି ବେଆଇନ ରାସ୍ତା ଖୋଳା ନେଇ ସ୍ଥାନୀୟ ସରପ□ ବାମେବାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ବାମେବାରୀ ପୋଲିସ ପକ୍ଷରୁ ତତ୍ପରତା ପ୍ରଦର୍ଶନ କରୁନଥିବାରୁ ଉକ୍ତ ଅ□ଳ ଅଶାନ୍ତ ହୋଇପଡିଛି। ଗତକାଲି ରାସ୍ତାର ସ୍ଥିତାବସ୍ଥା ଫେରାଇ ଆଣିବାକୁ ଝୁମ୍ପୁରା ତହସିଲଦାର ପ୍ରତିମା ପୃଷ୍ଟି ଏବଂ ଏସ୍‌ଡିପିଓ ବଡବିଲ ହିମାଂଶୁ ବେହେରାଙ୍କ ଉପସ୍ଥିତିରେ ଉଦ୍ୟମ କରିଥିଲେ ହେଁ କିଛି ଅସାମାଜିକ ଲୋକ ଗଣ୍ଡଗୋଳ କରି କାମ କରାଇ ଦେଇନଥିଲେ। ପୋଲିସ ନୀରବଦ୍ରଷ୍ଟା ସାଜି ଚୁପ ବସିଥିବାବେଳେ ଅସାମାଜିକ ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇନଥିଲା। ଏନେଇ ଉପଜିଲ୍ଲାପାଳ ଚମ୍ପୁଆ ପ୍ରତାପ ପ୍ରିତିମୟଙ୍କ ସହ ଯୋଗାଯୋଗ କରିବାରୁ ରାସ୍ତାର ମାପଚୁପ ପାଇଁ କୁହାଯାଇଥିଲା। ଯେଉଁମାନେ ରାସ୍ତା କାଟିଛନ୍ତି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ କୁହାଯାଇଛି। ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଗତକାଲି ରାତିରେ କିଛି ଲୋକ ଉକ୍ତ ରାସ୍ତାକୁ ପୁଣି ଥରେ ହାଣି ଦେଇଥିବାରୁ ଯାତାୟତ ବ୍ୟାଘାତ ହୋଇଛି। ସରପ□ଙ୍କ ଅଭିଯୋଗ ଅନୁଯାୟୀ ବ୍ରହ୍ମେଶ୍ୱର ମହାକୁଡ,ସୁବାସ ମହାକୁଡ,ମଦନ ମୋହନ ବେହେରା,ସୁବ୍ରତ ପଲେଇଙ୍କ ସମେତ ଅନ୍ୟମାନେ ତାଙ୍କୁ ଜାତିଆଣ ଗାଳିଗୁଲଜ କରିବା ସହ ୨ଟି ଜେସିବି ମେସିନ ସାହାଯ୍ୟରେ ରାସ୍ତା କାଟିଥିବା ନେଇ ଅଭିଯୋଗ କରିଛନ୍ତି। ଦୁଇ ଦୁଇ ଥା ରାସ୍ତା କାଟିବା ପରେ ଅଭିଯୋଗ ପରେ ପୋଲିସ କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। କିଛି ଖଳ ପ୍ରକୃତିର ଲୋକ ପରିବହନ କାର୍ଯ୍ୟ ହାତେଇବା ପାଇଁ ଆଦିବାସୀଙ୍କୁ ଢାଲ କରି ବାରମ୍ବାର ଗଣ୍ଡଗୋଳ କରୁଥିବା ଟିପି ମହାନ୍ତି ଖଣିର ପରିଚାଳକ ଇଂ ଚନ୍ଦ୍ରଶେଖର ଜେନା ପ୍ରକାଶ କରିଛନ୍ତି। ଆଦିବାସୀଙ୍କ ଜମି ଟିପି ମହାନ୍ତି ଖଣି ଜବର ଦଖଲ କରିନାହିଁ। ଏହି ରାସ୍ତା ବହୁ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଛନ୍ତି। ଗ୍ରାମ୍ୟ ରାସ୍ତା ଦୀର୍ଘ ବର୍ଷ ଧରି ଜନସାଧାରଣ ବ୍ୟବହାର କରୁଥିବାବେଳେ ଅଭିଯୋଗ ପରେ ସୁପରଭାଇଜର ଭୁବନାନନ୍ଦ ନାୟକ,ମଲଦା ରାଜସ୍ୱ ନୀରିକ୍ଷକ ସୋନାଲୀ ସେଠୀ ଏବଂ ଅମିନ ସୁରେଶ ନାୟକ ଠିକ୍ ଭାବରେ ମାପଚୁପ ନକରି ନଥିବା ସ୍ଥାନୀୟ ସରପ□ ଅଭିଯୋଗ କରିଛନ୍ତି। ମାପଚୁପ କରୁଥିବା କର୍ମଚାରୀ ପ୍ରଭାବିତ ହୋଇ ଚିହ୍ନଟ କରିଥିବା ସେ ଅଭିଯୋଗ କରିବା ସହ ଚମ୍ପୁଆ ଉପଜିଲ୍ଲାପାଳ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଅନ୍ୟ ସର୍କଲରୁ କର୍ମଚାରୀ ଆଣି ମାପଚୁପ କରିବାକୁ ସେ ଦାବୀ କରିଛନ୍ତି। ଏଥିସହ ଏହି ଅ□ଳରେ ଦୀର୍ଘ ଦିନ ଧରି ଅରାଜକତା କରୁଥିବା ଲୋକଙ୍କୁ ଗିରଫ କରି ଶାନ୍ତି ଫେରାଇ ଆଣିବାକୁ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଦାବୀ କରିଛନ୍ତି।




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ପାରାଦୀପ ଡି.ଏ.ଭି ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବ




ପାରାଦୀପ,(ପି.ଏନ): ପବିତ୍ର ବଡଦିନ ଅବସରରେ ପାରାଦୀପ ଡି.ଏ.ଭି ପବ୍ଲିକ ସ୍କୁଲର ସମ୍ବର୍ଦ୍ଧନା ଉତ୍ସବ ନୂଆବଜାରସ୍ଥ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ପିପିଏଲ ଡିଏଭି ସ୍କୁଲର ଅଧ୍ୟକ୍ଷ ସିବ ସାହୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପାରାଦୀପ ମହାବିଦ୍ୟାଳୟ ଇଂରାଜୀ ବିଭାଗ ମୁଖ୍ୟ ଗଣେଶ୍ୱର ପାତ୍ର ଯୋଗ ଦେଇଥିଲେ । ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତିଙ୍କ ତତ୍ୱାବଧାନରେ ଏହି ଉତ୍ସବକୁ ପରିଚାଳିତ କରିଥିବା ବେଳେ ୨୦୧୮-୧୯ ରୁ ୨୦୨୧-୨୨ ପର୍ଯ୍ୟନ୍ତ ଶିକ୍ଷା ଓ କଳାରେ କୃତିତ୍ୱ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ସମ୍ବର୍ଦ୍ଧିତ କରାଯିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ବହୁ ଉପାଦେୟ ଓ ନିତିଧର୍ମ, ପରିଶ୍ରମର ଉପଦେଶ ଦେଇଥିଲେ । ଏକାଡେମିକ୍‌ର ଆବାହକ ହୃଷିକେଶ ପ୍ରଧାନ, ଅପରାଜିତା ପି. ନାୟକ, ମନୋଜ କୁମାର ରଥ, ସୁମନ୍ତ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ । ଶେଷରେ ଭି. ସାରଳା ଧନ୍ୟବାଦ ଅର୍ପଣ କରିଥିଲେ ।

## କନ୍ଧମାଳ ଚେସ୍ ଏସୋସିଏସନ ତରଫରୁ ମାଗଣା ଚେସ୍ ତାଲିମ ଶିବିର

କନ୍ଧମାଳ, (ପି.ଏନ): କନ୍ଧମାଳ ଜିଲାରେ ଚେସ ଖେଳକୁ ପ୍ରୋତ୍ସାହନ ଦେବା ପାଇଁ କନ୍ଧମାଳ ଜିଲ୍ଲା ଚେସ ଏସୋସିଏସନ ପକ୍ଷରୁ ସ୍ଥାନୀୟ ଏଜେଓ ହାଇସ୍କୁଲ ପରିସରରେ ମାଗଣା ଦୁଇଦିନିଆ ଜିଲା ସ୍ତରୀୟ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦଘାଟିତ ହୋଇଛି । ରାଜ୍ୟର ଜଣାଶୁଣା ଅଭିଜ୍ଞ କୋଚ ତାଲିମଦାତା ରାଜେନ୍ଦ୍ର କୁମାର ସାହୁ ତାଲିମ ପ୍ରଦାନ କରୁଛନ୍ତି । ବିଶେଷ କରି ହାଇସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ, ପିଇଟି ମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଉଛି ।

## ସମାଜସେବୀ ମାନସ ସେଠୀଙ୍କୁ ଯୁବ ସଂଗଠକ ସମ୍ମାନ ପ୍ରଦାନ



କେନ୍ଦ୍ରାପଡ଼ା,(ପି.ଏନ): ଯୁବ ସମାଜସେବୀ ମାନସ ସେଠୀଙ୍କୁ ଯୁବ ସଂଗଠକ ସମ୍ମାନରେ ସମ୍ମାନିତ କରାଯାଇଛି । ଓଡିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ଷୋଡଶ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ-୨୦୨୨ ଅବସରରେ କେନ୍ଦ୍ରାପଡାର ଯୁବ ସମାଜସେବୀ ମାନସ ସେଠୀଙ୍କୁ ଯୁବ ସଂଗଠକ ସମ୍ମାନ-୨୦୨୨ରେ ସମ୍ମାନିତ କରାଯାଇଛି । ସଂସଦର ସଭାପତି ସତ୍ୟ ରାୟ, ଉଦଘାଟକ ଜଷ୍ଟିସ ଏ.କେ.ପରିଛା, ମୁଖ୍ୟ ଅତିଥି ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ଓ ସଂସଦର ସାଧାରଣ ସମ୍ପାଦକ ଦିଲ୍ଲିପ କୁମାର ଦାସ ପ୍ରମୁଖ ମାନସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମୋମେଣ୍ଟୋ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ ।

## ଜୟକୃଷ୍ଣଙ୍କୁ ପରିବେଶ ସମ୍ମାନ



ଭୁବନେଶ୍ୱର,(ପି.ଏନ): ପ୍ରକୃତି ଓ ପରିବେଶର ସୁରକ୍ଷା ଏବଂ ସଂରକ୍ଷଣ କ୍ଷେତ୍ରକୁ ଅବଦାନ ନିମନ୍ତେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନିମାପଡ଼ା ସାହିତ୍ୟ ସଂସଦ ଦ୍ୱାରା ଓଡିଶା ପରିବେଶ ସମିତିର ସମ୍ପାଦକ ଡ଼. ଜୟକୃଷ୍ଣ ପାଣିଗ୍ରାହୀଙ୍କୁ ପ୍ରଫେସର ମନମୋହନ ମହାନ୍ତି ପରିବେଶ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି ଓ ସଂସଦର ୯ମ ବାର୍ଷିକ ଜାତୀୟ ସାହିତ୍ୟୋତ୍ସବ ପାଳନ ଅବସରରେ ଉଦଘାଟନ ଅଧିବେଶନରେ ସାହିତ୍ୟ, ସମାଜସେବା, ପରିବେଶ ଏବଂ ସ୍ଥାପତ୍ୟ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା କେତେକ ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ପୂର୍ବତନ ପ୍ରଫେସର ଓ ମୁଖ୍ୟ ଡ଼. ମହାନ୍ତି ଜଣେ ପ୍ରସିଦ୍ଧ ପରିବେଶବିତ୍ ରୂପେ ବହୁ ସଂରକ୍ଷଣ କାର୍ଯ୍ୟରେ ସଂଶ୍ଳିଷ୍ଟ ରହି ଯୁବବର୍ଗଙ୍କ ପାଇଁ ଆଦର୍ଶ ପାଲଟିଥିଲେ ଓ ତାଙ୍କ ସ୍ମୃତିରେ ପ୍ରଦତ୍ତ ଏହି ପରିବେଶ ସମ୍ମାନର ଗ୍ରହଣକାରୀ ଡ଼. ପାଣିଗ୍ରାହୀ ବିଗତ ତିନି ଦଶନ୍ଧି ଧରି ପରିବେଶର ସୁରକ୍ଷା ଓ ସଂରକ୍ଷଣ, ଏବଂ ଏଥି ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ବୃଦ୍ଧି ଉଦ୍ଦେଶ୍ୟରେ ପ୍ରତିବଦ୍ଧତାର ସହ କାର୍ଯ୍ୟରତ ଅଛନ୍ତି ଓ ବିବିଧ ପରିବେଶ ସମସ୍ୟା ଉପରେ ଲୋକମାନଙ୍କୁ ସୂଚନା ପ୍ରଦାନ ଓ ସଚେତନତା ସୃଷ୍ଟି ଲକ୍ଷ୍ୟରେ ବିଭିନ୍ନ ଗଣମାଧମ ମାଧମରେ ସେ ନିଜର ଭୂମିକା ନିଭାଉଛନ୍ତି ଓ ସରକାରଙ୍କର ଜଙ୍ଗଲ ଓ ପରିବେଶ ସମ୍ବନ୍ଧୀୟ କେତେକ କମିଟିରେ ସଦସ୍ୟ ରୂପେ ସେ ମଧ୍ୟ କାର୍ଯ୍ୟ ନିର୍ବାହ କରୁଛନ୍ତି ।

## କଂଗ୍ରେସ ଭାରତର ଆତ୍ମା:ଶରତ, ପିସିସି ପକ୍ଷରୁ ୧୩୮ତମ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର ତା ୨୮.୧୨- ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଜି ଭାରତୀୟ ଜାତୀୟ କଂଗ୍ରେସର ୧୩୮ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ କଂଗ୍ରେସ ଭବନ ପରିସରରେ ଆୟୋଜିତ ଉତ୍ସବରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦଳୀୟ ପତାକା ଉତୋଳନ କରି ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଉଦବୋଧନ ଦେଇ କହିଲେ ଯେ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଭାରତକୁ ସ୍ୱାଧୀନତା ଦେଇଥିଲା । ଦେଶ ସ୍ୱାଧୀନ ହେବାବେଳକୁ ଭାରତରେ ଛୁଂଚି କାରଖାନାଟିଏ ମଧ୍ୟ ନଥିଲା । ସ୍ୱାଧୀନତାର ପରବର୍ତୀ ସମୟରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ କଂଗ୍ରେସ କ୍ଷମତାକୁ ଆସିବା ପରେ ୧୯୪୮ ମସିହାରେ ଦେଶର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଆଇଆଇଟି, ଆଇଆଇଏମ, ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ସାଇନ୍ସ, ବୃହତର ନଦୀବନ୍ଧ ଯୋଜନା ଠାରୁ ଆରମ୍ଭ କରି ଜଳସେଚନ, ବିଦ୍ୟୁତ ଉତ୍ପାଦନ ଏବଂ ବହୁ ରାଷ୍ଟ୍ରୀୟ ଉଦ୍ୟଗ ସ୍ଥାପନ କରିଥିଲେ । ପ୍ରତ୍ୟେକ କ୍ଷେତ୍ରରେ ସ୍ୱାବଲମ୍ବି କରିବା ସହିତ ବିଶ୍ୱଦରବାରରେ ନିଜର ପରିଚୟ ମଧ୍ୟ ସୃଷ୍ଟି କରିପାରିଥିଲା । ଓଡ଼ିଶାରେ ଯେଉଁ ରାଉରକେଲା ଷ୍ଟିଲପ୍ଲାଂଟ, ପାରଦ୍ୱୀପ ବନ୍ଦର, ହୀରାକୁଦ ଡ୍ୟାମ ଏବଂ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ମଧ୍ୟ ପ୍ରତିଷ୍ଠା କରାଯାଇଥିଲା । ପରବର୍ତୀ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ ବାହାଦୁର ଏ ଦେଶର କୃଷକ ଏବଂ ସୈନିକଙ୍କ ଉଦ୍ଦେଶ୍ୟରେ ଗୋଟିଏ ନାରା ଦେଇଥିଲେ 'ଜୟ ଜବାନ ଜୟ କିଷାନ' କୃଷକ ଏବଂ ସୈନିକ ବିନା ଏକ ରାଷ୍ଟ୍ର ନିର୍ମାଣ ଓ ରାଷ୍ଟ୍ରର ସୁରକ୍ଷା ସମ୍ଭବ ନୁହେଁ ବୋଲି ଆଜକୁ ୫୭ ବର୍ଷ ପୂର୍ବରୁ କଂଗ୍ରେସ ଏ ଦେଶ ଉଦେଶ୍ୟରେ ବାର୍ତା ଦେଇଥିଲେ । ଠିକ୍ ସେହିଭଳି ଇନ୍ଦିରାଜୀଙ୍କ ସମୟରେ ବ୍ୟାଙ୍କ ଜାତୀୟକରଣ, ଆଣବିକ ପରୀକ୍ଷା ଏବଂ ଭାରତବର୍ଷକୁ ଆଣବିକ ରାଷ୍ଟ୍ରରୂପେ ପରିଗଣିତ କରାଇବା ସହିତ କୃଷି କ୍ଷେତ୍ରରେ ସବୁଜ ବିପ୍ଳବ, ଦୁଗ୍ଧ ବନ୍ୟା ଏବଂ ତୈଳବୀଜ କ୍ଷେତ୍ରରେ ଏକ ବିପ୍ଳବ ଆଣିଥିଲେ । ଯଦ୍ୱାରା ଭାରତବର୍ଷ ଖାଦ୍ୟଶସ୍ୟରେ ସ୍ୱାବଲମ୍ବି ହୋଇଥିଲା । ରାଜୀବ ଗାନ୍ଧୀଙ୍କ ପ୍ରଧାନ ମନ୍ତ୍ରୀତ୍ୱ ସମୟରେ ବୈଷୟିକ ଜ୍ଞାନ,କାରିଗରି, ଟେଲିକମ୍ୟୁନିକେସନ ଠାରୁ ସୁପର କମ୍ପ୍ୟୁଟର ପର୍ଯ୍ୟ' କୌଶଳରେ ଦେଶକୁ ସମୃଦ୍ଧ କରି ବିକାଶ ଦିଗକୁ ନେବା ଓ ଯୁବକ ଯୁବତୀମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରାଧିକାର ଦେବା ଆଦି ଉଲେଖନୀୟ କାର୍ଯ୍ୟ କରାଯାଇପାରିଥିଲା । କଂଗ୍ରେସ ସର୍ବଦା ଦେଶବାସୀଙ୍କ ସହିତ ରହିଅଛି । କଂଗ୍ରେସ ଭାରତ ବର୍ଷର ଆତ୍ମା । କଂଗ୍ରେସକୁ ଛାଡ଼ି ଆଜିର ଭାରତବର୍ଷର ପରିକଳ୍ପନା କରାଯାଇ ପାରିନଥା'।। ଆଜି ଯେଉଁମାନେ ନୂଆ ଇତିହାସ ଲେଖିବା ପାଇଁ ଚାହୁଁଛନ୍ତି ସେମାନେ ୨୦୧୪ରୁ ଇତିହାସ ଲେଖିବେ ନା ୧୮୮୫ରୁ ଇତିହାସ ଲେଖିବେ ନା ୧୯୪୭ ମସିହାରୁ ଇତିହାସ ଲେଖିବେ । ମନମୋହନ ସିଂଙ୍କ ସରକାର ସମୟରେ ଖାଦ୍ୟ ସୁରକ୍ଷା ଯୋଜନା, ସୂଚନା ଅଧିକାର, ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ଯୋଜନା ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଜନାବିମୁଖି ନିଷ୍ପତି ନିଆଯାଇଥିଲା । ସହରାଂଚଳର ବସ୍ତି ବାସନ୍ଦାଙ୍କ ପାଇଁ ବିଶୁଦ୍ଧ ପାନୀୟଜଳ, ବିଦ୍ୟୁତ ଯୋଜନା, ପକ୍କା ରାସ୍ତା, ଚିକିତ୍ସା ବ୍ୟବସ୍ଥା ସହିତ ସେମାନଙ୍କ ପାଇଁ ପକ୍କାଘର ଯୋଜନା କଂଗ୍ରେସ ସରକାର କରିଥିଲା । ଆଜି ଯେଉଁମାନେ ମହିଳା ସ୍ୱୟଂସହାୟିକା ଗୋଷ୍ଠି କଥା କହୁଛନ୍ତି ତାହା ପିଭିନରସିଂହ ରାଓଙ୍କ ସରକାର ସମୟରେ ଆରମ୍ଭ କରାଯାଇଥିଲା । ଆଜି ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରୁ କାଶ୍ମିର ପର୍ଯ୍ୟ' ଦୀର୍ଘପଥ ଭାରତ ଯୋଡ଼ ଯାତ୍ରାରେ ବାହାରି ଦେଶବାସୀଙ୍କ ସହ ଯୋଡ଼ି ହୋଇ କଂଗ୍ରେସର ବିଚାରଧାରାକୁ ଲୋକଙ୍କ ନିକଟରେ ପଂହଚାଇଛନ୍ତି । କଂଗ୍ରେସ ଦେଶବାସୀଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା ବେଳେ ଆଜି ରାଜ୍ୟରେ ଏକ ସ୍ଥାଣୁ ସରକାର ଚାଲିଛି । ଚାଷୀ ଆଜି ନିଜର ଉତ୍ପାଦିତ ଦ୍ରବ୍ୟକୁ ଠିକ୍ ଭାବରେ ବିକ୍ରି କରିପାରୁ ନାହିଁ । ହଜାର ହଜାର ବେକାର ଯୁବକଯୁବତୀ ଚାକିରୀ ନପାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯିବାପାଇଁ ବାଧ ହେଉଛନ୍ତି । ମା' ମାନଙ୍କ ବଳରେ ଦୀର୍ଘ ବର୍ଷର ଶାସନନର ସ୍ୱପ୍ନ ଦେଖୁଥିବା ବିଜୁ ଜନତା ଦଳର ମୁଖ୍ୟାଙ୍କୁ ପଚାରିବାକୁ ଚାହେଁ ଆଜି ଓଡ଼ିଶା କାହିଁକି ମହିଳା ଉତ୍ପୀଡ଼ନରେ ଦେଶର ପ୍ରଥମ ରାଜ୍ୟଭାବେର କାହିଁକି ଅପବାଦ ମୁଣ୍ଡାଉଛି । ଏ ରାଜ୍ୟର ମାତୃ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଆଜି ଉଦ୍‌ବେଗଜନକ । ଦୀର୍ଘ ଦୁଇମାସ ଧରି ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ପାରା ଶିକ୍ଷୟତ୍ରୀ ମାସ ମାସ ଧରି ଶୀତ କାକରରେ ରାଜଧାନୀର ରାଜରାସ୍ତାରେ କାହିଁକି ପଡ଼ିରହୁଛନ୍ତି । ଏମାନେ ଏ ରାଜ୍ୟର ମହିଳାକି ନୁହଁନ୍ତି ? ୨୨ ବର୍ଷ କାଳ ଧରି ଏ ରାଜ୍ୟର ଯୁବକ, ଚାଷୀ, ମହିଳା, ନିମ୍ନ ଆୟକାରୀ ବର୍ଗ, ଗରିବ ଖଟିଖିଆ ମୂଲିଆ ଆଜି ସମସ୍ତେ ଘୋର ଦୁର୍ଦ୍ଦଶାରେ କାଳତିପାତ କରୁଛନ୍ତି । କଂଗ୍ରେସ ଏହି ପ୍ରତିଷ୍ଠା ଦିବସରେ ମୁଁ ଓଡ଼ିଶାବାସୀଙ୍କୁ ପ୍ରତିଶ୍ରୁତି ଏବଂ ପ୍ରତିଜ୍ଞା କରୁଛି ଆସ'। ସାଧାରଣ ନିର୍ବାଚନରେ କଂଗ୍ରେସ ଯଦି ରାଜ୍ୟରେ ସରକାର ଗଠନକରେ ତାହାଲେ ଏ ସମସ୍ତ ସମସ୍ୟାର ଆଶୁ ସମାଧାନ କରିବାପାଇଁ କଂଗ୍ରେସ ସରକାର ପ୍ରଥମ ଦିନରୁ କାର୍ଯ୍ୟକରିବ । ଆଗାମୀ ଦିନରେ ସମସ୍ତ କଂଗ୍ରେସ କର୍ମୀ ଏକଜୁଟ ହୋଇ ଏ ସରକାରକୁ ବିତାଡିତ କରିବାପାଇଁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଦେଇଥିଲେ । ସେବାଦଳ ପକ୍ଷରୁ ଅଶୋକ ସିଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ କଂଗ୍ରେସ ଭବନ ପରିସରରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପରେ ଏକ ଆଲୋଚନା ଚକ୍ର ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମ ଓ ଦେଶ ଗଠନରେ କଂଗ୍ରେସର ଭୂମିକା ଶୀର୍ଷକ ଏହି ଆଲୋଚନା ଚ୍ରକରେ ଉଦ୍‌ବୋଧନ ଦେଇ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ପ୍ରସାଦ ହରିଚନ୍ଦନ, ଜଗନ୍ନାଥ ପଟ୍ଟନାୟକ, ଅନ' ପ୍ରସାଦ ସେଠୀ, ସୁରେଶ କୁମାର ରାଉତରାୟ, ବନ୍ଦିତା ପରିଡ଼ା, ସସ୍ମିତା ବେହେରା, ଶରତ ରାଉତ, ଏମଏ ରଫିକ ପ୍ରମୁଖ କଂଗ୍ରେସର ଚି'।ଧାରା, ଉତ୍‌ଥାନ ପତନ ଓ ସଂଘର୍ଷମୟ ଇତିହାସର ଅବତାରଣା କରିଥିଲେ ।




## ଅଟଳ ବିହାରୀ ବାଜପାୟୀ ଟ୍ରଷ୍ଟ ଆନୁକୂଲ୍ୟରେ ବାଜପାୟୀଙ୍କ ଜନ୍ମ ଜୟନ୍ତୀ ଆଡମ୍ବର ସହକାରେ ପାଳିତ




ପାରାଦୀପ,(ପି.ଏନ): ଡିସେମ୍ବର ୨୫ ତାରିଖ ଭାରତରତ୍ନ ତଥା ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ୯୮ ତମ ପୂଣ୍ୟ ଜନ୍ମଜୟନ୍ତୀ ଅବସରରେ ପାରାଦୀପର ଅଟଳ ବିହାରୀ ବାଜପାୟୀ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ପରିସରରେ ଅଟଳଜୀଙ୍କ ଜନ୍ମଜୟନ୍ତୀ ରବିବାର ଦିନ ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ବାଜପାୟୀ ପାର୍କରେ ତାଙ୍କ ପ୍ରତିମୂର୍ତିରେ ମାଲ୍ୟର୍ପଣ କରାଯାଇ ସନ୍ଧ୍ୟାରେ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା । ଏହି ଅବସରରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପାୟୀଙ୍କ ନୀତି, ଆଦର୍ଶ ଓ ଦେଶ ପାଇଁ ତାଙ୍କର ଅବଦାନ ସଂପର୍କରେ ଅବତାରଣା କରି ସେ ଜଣେ ରାଷ୍ଟ୍ରନୀତିଜ୍ଞ ଥିଲେ ବୋ ନିଜ ବକ୍ତବ୍ୟ କହିଥିଲେ । ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସଙ୍କ ପୌରହିତ୍ୟରେ ଏହି କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ରାଜ୍ୟ ସଭାପତି ଅଜୟ ଦାସ, ବିଶ୍ୱହିନ୍ଦୁ ପରିଷଦ ଜଗତସିଂହପୁର ଜିଲ୍ଲା ସଂଯୋଜକ ଡ. ଧ୍ରୁତିଧର ଦାସ, ଟ୍ରଷ୍ଟର ସଦସ୍ୟ ଆଇନଜୀବୀ କୈଳାସ ସାହୁ, ନାରୀନେତ୍ରୀ ଶୈଳେନ୍ଦ୍ରୀ ସେନାପତୀ, ସହ ସଂପାଦକ ସଂଜୀବ ମିଶ୍ର, ପାରିଷଦ ବନୀତା ରାଉତ ପ୍ରମୁଖ ସମ୍ମନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଗୁରୁଜୀ ଶ୍ରୀକାନ୍ତ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିବା ସହ ମଂଚ ପରିଚାଳନା କରିଥିଲେ । ଶେଷରେ ଟ୍ରଷ୍ଟର ସଂପାଦକ ଅରୁଣ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦଳମତ ନିର୍ବିଶେଷରେ ଆୟେଜିତ ଏହି କାର୍ଯ୍ୟକ୍ରମରେ ଅଟଳ ପ୍ରେମୀଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray